## ଅବକାରୀ ବିଭାଗ

## ଅଧ୍ୟାୟ 2: ରାଜ୍ୟରେ ମଦ ଉତ୍ପାଦର ଯୋଗାଣ ଶୃଙ୍ଖଳ ପରିଚାଳନା ନିୟନ୍ତ୍ରଣ

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 246 ର ସୂଚୀ-II ର ଦରଜ ସଂଖ୍ୟା-51, ମାନବ ବ୍ୟବହାର ନିମିତ୍ତ ସୁରା ପାନୀୟ ଏବଂ ନିଶାଦ୍ରବ୍ୟଗୁଡ଼ିକ ଉପରେ ଶୁଳ୍କ ବସାଇବାର କ୍ଷମତା ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରିଅଛନ୍ତି । ଭାରତରେ ତିଆରି ବିଦେଶୀ ମଦ[1] (ଆଇଏମ୍ଏଫ୍ଏଲ୍), ବିଦେଶରେ ତିଆରି ବିଦେଶୀ ମଦ[2] (ଏଫ୍ଏମ୍ଏଫ୍ଏଲ୍), ବିଅର[3], ଦେଶୀ ମଦ[4] (ସିଏଲ୍), ଇତ୍ୟାଦି ମଦ ଦ୍ରବ୍ୟ ରାଜ୍ୟଗୁଡ଼ିକର ଅବକାରୀ ପ୍ରଶାସନର ପରିସରଭୁକ୍ତ ଅଟେ । ଉତ୍ପାଦନୀ, ଭଣ୍ଡାରଣ, ପରିବହନ, ବିତରଣ ଏବଂ ମଦ ଦ୍ରବ୍ୟର ବିକ୍ରୟ ସରକାରୀ ପ୍ରଣାଳୀ ମାଧମରେ କରିବା, ଭେଜାଲ ମଦ ବିକ୍ରି ନିଷେଧ, ଅନୁଚିତ୍ ପାତନ ଏବଂ ଶୁଳ୍କ ଦେଇନଥିବା ମଦ ଦ୍ରବ୍ୟର ଗୁପ୍ତ ବ୍ୟାପାର ନିବାରଣ, ଅବକାରୀ ଗୁପ୍ତସୂଚନା ଏବଂ ପ୍ରବର୍ତ୍ତନ ମଧମରେ ନିୟନ୍ତ୍ରଣ କରିବା ଅବକାରୀ ବିଭାଗର ଉଦ୍ଦେଶ୍ୟ ।

ରାଜ୍ୟ ଅବକାରୀ ପ୍ରଶାସନ, ଓଡ଼ିଶା ଅବକାରୀ ଅଧିନିୟମ, 2008 ଏବଂ ଓଡ଼ିଶା ଅବକାରୀ ନିୟମ 2017 ଦ୍ଵାରା ପରିଚାଳିତ ହେଉଛି ଯାହା ମଦ ଦ୍ରବ୍ୟର ବିକ୍ରୟ, ଉତ୍ପାଦନ ଏବଂ ଯୋଗାଣକୁ ନିୟନ୍ତ୍ରଣ କରିଥାଏ । ପ୍ରମୁଖ ସଚିବ ଅବକାରୀ ବିଭାଗର ନେତୃତ୍ୱ ନିଅନ୍ତି, ଯାହାଙ୍କୁ ଅବକାରୀ ଆୟୁକ୍ତ (ଇସି) ସହଯୋଗ କରନ୍ତି । ତିନିଜଣ ଉପାୟୁକ୍ତ (ଉତ୍ତର, କେନ୍ଦ୍ରୀୟ ଏବଂ ଦକ୍ଷିଣ ଡିଭିଜନ), ଅବକାରୀ ଅଧିକ୍ଷକ (ଏସ୍ଇ), ଅବକାରୀ ଉପଅଧିକ୍ଷକ (ଡିଏସ୍ଇ) , ଅବକାରୀ ନିରୀକ୍ଷକ (ଆଇ), ଅବକାରୀ ଉପନିରୀକ୍ଷକ (ଏସ୍ଆଇ) ଏବଂ ଅବକାରୀ କନେଷ୍ଟବଳମାନେ, ଇସିଙ୍କୁ ସହଯୋଗ କରନ୍ତି । ଏହା ବ୍ୟତୀତ ନଭେମ୍ବର 2000 ରେ କମ୍ପାନୀ ଅଧିନିୟମ 1956 ଅନୁଯାୟୀ ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ (ଓଏସ୍‌ବିସିଏଲ୍) କୁ ଏକ କମ୍ପାନୀ ଭାବରେ ଓଡ଼ିଶା ସରକାର ପ୍ରତିଷ୍ଠା କରିଥିଲେ ।

ନିୟମ ଓ ନୀତି ପ୍ରଣୟନ କରିବା ଓ ଇସି ଏବଂ ଓଏସ୍‌ବିସିଏଲ୍‌ର ପର୍ଯ୍ୟବେକ୍ଷଣ ତଥା ଶାସନ ନିୟନ୍ତ୍ରଣ ପାଇଁ ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ ଦାୟୀ ।

ଭେଜାଲ ମଦ ଉତ୍ପାଦନ ଓ ବିକ୍ରୟକୁ ପ୍ରତିହତ କରିବା ଏବଂ ଅବକାରୀ ରାଜସ୍ୱ ସଂଗ୍ରହ ମାଧମରେ ରାଜ୍ୟ ସରକାରଙ୍କ ଆର୍ଥିକ ସ୍ୱାର୍ଥକୁ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ନିୟମାବଳୀ ଲାଗୁ କରିବା ଅବକାରୀ ଆୟୁକ୍ତଙ୍କ ଦାୟିତ୍ୱ । ଜିଲ୍ଲା ଅବକାରୀ ଅଧିକାରୀ ଓ ନିମ୍ନ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନେଇ ଗଠିତ କ୍ଷେତ୍ରିୟ ସଂଗଠନ ନିୟମାବଳୀ ଓ ଅନ୍ୟାନ୍ୟ ପ୍ରଶାସନିକ ନିର୍ଦ୍ଦେଶାବଳୀଗୁଡ଼ିକର କାର୍ଯ୍ୟକାରିତା ପାଇଁ ଦାୟୀ ରହନ୍ତି ।

- ମଦ ଉତ୍ପାଦନ ୟୁନିଟ୍ ଓ ମଦ ଭାଟି
- ଓଏସ୍‌ବିସିଏଲ୍; ଏବଂ
- ପ୍ରତି ଜିଲ୍ଲାରେ ଖୁଚୁରା ମଦ ବିକ୍ରି ସ୍ଥଳଗୁଡ଼ିକର ପର୍ଯ୍ୟବେକ୍ଷଣ ।

ଓଡ଼ିଶାରେ ମଦର ପାଇକାରୀ ବ୍ୟବସାୟ ପାଇଁ ଓଏସ୍‌ବିସିଏଲ୍‌କୁ ସଂପୂର୍ଣ୍ଣ ଅଧିକାର ପ୍ରଦାନ କରାଯାଇଛି । ଅର୍ଥାତ୍ ଓଡ଼ିଶା ମଧରେ ବିକ୍ରି ପାଇଁ ଉଦ୍ଦିଷ୍ଟ ମଦ ଉତ୍ପାଦନ ନିମନ୍ତେ ପ୍ରତ୍ୟେକ ମଦ ଉତ୍ପାଦନକାରୀ ବାଧ୍ୟତାମୂଳକ ଭାବରେ ଓଏସ୍‌ବିସିଏଲ୍‌ର ଡିପୋକୁ ଯୋଗାଣ କରିବେ । ତେଣୁ, ଓଏସ୍‌ବିସିଏଲ୍ ମଦ ଉତ୍ପାଦର ଯୋଗାଣ ଶୃଙ୍ଖଳ ପାଇଁ ଚାନେଲାଇଜିଙ୍ଗ୍ ଏଜେନ୍ସୀ ଭାବରେ କାର୍ଯ୍ୟ କରେ । ଏହି ଆଇନ୍ ଯୋଗାଣ ଶୃଙ୍ଖଳ ବାହାରେ ଉତ୍ପାଦନ/ ବ୍ୟବସାୟ ହୋଇଥିବା କୌଣସି ମଦ ଉତ୍ପାଦ ବିକ୍ରି ପାଇଁ ଅନୁମତି ପ୍ରାପ୍ତ ନୁହେଁ । ଯୋଗାଣ ଶୃଙ୍ଖଳ ଏକ ପ୍ରକ୍ରିୟା ଯେଉଁଥିରେ

---

[1] ଭାରତରେ ଉତ୍ପାଦିତ, ପ୍ରସ୍ତୁତ କିମ୍ବା ଯୌଗିକକୃତ ମଦ ଯେପରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବିଦେଶୀ ମଦ ବୋଲି ରାଜ୍ୟ ସରକାର ଘୋଷଣା କରିପାରନ୍ତି

[2] ଆଇଏମ୍ଏଫ୍ଏଲ୍ ଏବଂ ଦେଶୀ ମଦକୁ ବାଦ୍ ଦେଇ ଭାରତରେ ଆମଦାନୀ ହୋଇଥିବା ପ୍ରତ୍ୟେକ ମଦ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ବିଦେଶୀ ମଦ ବୋଲି ଘୋଷଣା କରାଯାଇପାରେ

[3] ମାଲ୍ଟ କିମ୍ବା ଶସ୍ୟରୁ ପ୍ରସ୍ତୁତ ଯେକୌଣସି ମଦ ଯେପରି ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇପାରେ

[4] ବିଦେଶୀ ମଦ ଏବଂ ଆଇଏମ୍ଏଫ୍ଏଲ ବ୍ୟତୀତ ଭାରତରେ ଉତ୍ପାଦିତ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ଦେଶୀ ମଦ ବୋଲି ଘୋଷଣା କରାଯାଇପାରେ

ଭେଜାଲ (ମନୁଷ୍ୟ ବ୍ୟବହାର ପାଇଁ ଅନୁପଯୁକ୍ତ) ଓ ରାଜସ୍ୱ ପଇଠ ହୋଇନଥିବା ମଦର ବିକ୍ରିକୁ ପ୍ରତିରୋଧ କରାଯାଏ ।

ତେଣୁ, ଯୋଗାଣ ଶୃଙ୍ଖଳ ପରିଚାଳନା ଓଏସ୍‌ବିସିଏଲ୍‌ର ଦାୟିତ୍ୱ । ଯୋଗାଣ ଶୃଙ୍ଖଳ ପରିଚାଳନାର ନିୟନ୍ତ୍ରଣ ଅବକାରୀ ଆୟୁକ୍ତଙ୍କ ଦାୟିତ୍ୱ । ଉଭୟ ଓଏସ୍‌ବିସିଏଲ୍ ଓ ଅବକାରୀ ଆୟୁକ୍ତଙ୍କ ପର୍ଯ୍ୟବେକ୍ଷଣ ତଥା ପ୍ରଶାସନିକ ନିୟନ୍ତ୍ରଣ ଅବକାରୀ ବିଭାଗ ଦ୍ୱାରା କରାଯାଇଥାଏ ।

2017-21 ଅବଧିକୁ ଅନ୍ତର୍ଭୁକ୍ତ କରି ଜୁଲାଇ ରୁ ଡିସେମ୍ବର 2021 ମଧ୍ୟରେ ନିମ୍ନ ବିଷୟଗୁଡ଼ିକର ନିଶ୍ଚିତତା ପ୍ରାପ୍ତି ଉଦ୍ଦେଶ୍ୟରେ ଏକ ସମୀକ୍ଷା ପରିଚାଳନା କରିଥିଲେ:

- ମଦ ଉତ୍ପାଦନ ୟୁନିଟ୍‌ଗୁଡ଼ିକରେ ନିୟୋଜିତ ଅବକାରୀ ଅଧିକାରୀମାନେ ଅବକାରୀ ନିୟମର ଅନୁପାଳନପୂର୍ବକ କାର୍ଯ୍ୟ କରୁଛନ୍ତି ।

- ମଦ ଦ୍ରବ୍ୟର ଯୋଗାଣ ଶୃଙ୍ଖଳ ଏବଂ ଉତ୍ପାଦନକାରୀ ଠାରୁ ଖୁଚୁରା ବିକ୍ରୟ କେନ୍ଦ୍ର ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ପାଇଁ ଅବକାରୀ ନିୟମାବଳୀ ଅନୁପାଳନ କରି ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

- ଅବକାରୀ ବିଭାଗର ପ୍ରବର୍ତ୍ତନ ଶାଖା, ଅବକାରୀ ନିୟମାବଳୀ ଅନୁପାଳନ କରି କାର୍ଯ୍ୟ କରୁଛନ୍ତି ।

ଅଡିଟ୍, ଅବକାରୀ ବିଭାଗର ଅବକାରୀ ଆୟୁକ୍ତ, 31 ଟି ଜିଲ୍ଲା ଅବକାରୀ କାର୍ଯ୍ୟାଳୟ[5] (ଡିଇଓ)ର ଛଅଟି (20 ପ୍ରତିଶତ) ଏବଂ ଏହି ଛଅଟି ଡିଇଓ ଅଧିନରେ ଥିବା ଉତ୍ପାଦନ ୟୁନିଟ୍[6] ଗୁଡ଼ିକରେ ମୁତୟନ ହୋଇଥିବା 11 ଅବକାରୀ ନିରୀକ୍ଷକଙ୍କ ଆନୁସଙ୍ଗିକ ନଥିପତ୍ର ଏବଂ ଓଏସ୍‌ବିସିଏଲ୍‌ର ନଥିପତ୍ର ଯାଞ୍ଚ କରିଥିଲା ।

## 2.1 ରାଜସ୍ୱ ଏବଂ କାର୍ଯ୍ୟ ସମ୍ପାଦନ

ରାଜ୍ୟ ଅବକାରୀ ରାଜ୍ୟ ପାଇଁ ରାଜସ୍ୱର ଏକ ପ୍ରମୁଖ ଉତ୍ସ ଅଟେ ଏବଂ 2017-21 ମଧ୍ୟରେ ରାଜ୍ୟର "ନିଜସ୍ୱ ଟିକସ ରାଜସ୍ୱ"ର ଏହା 11.54 ପ୍ରତିଶତ ଏବଂ 13.91 ପ୍ରତିଶତ ମଧ୍ୟରେ ଥିଲା । ପୂର୍ବ ବର୍ଷରେ ସଂଗ୍ରହ ହୋଇଥିବା ପରିମାଣକୁ ଆଧାର କରି ଅବକାରୀ ବିଭାଗ ଦ୍ୱାରା ପ୍ରତିବର୍ଷ ଅବକାରୀ ରାଜସ୍ୱ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । 2017-21 ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ସଂଗୃହୀତ ଅବକାରୀ ରାଜସ୍ୱର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଅଛି :

***ସାରଣୀ 2.1: 2017-21 ଅବଧିରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ପ୍ରକୃତ ରାଜସ୍ୱ ସଂଗ୍ରହ***

| ବର୍ଷ | ଧାର୍ଯ୍ୟ ଲକ୍ଷ୍ୟ | ସଂଗ୍ରହ | ପୂର୍ବ ବର୍ଷ ତୁଳନାରେ ସଂଗୃହୀତ ରାଜସ୍ୱର ଅଭିବୃଦ୍ଧି ହାର (ପ୍ରତିଶତରେ) |
|---|---|---|---|
| | ଟଙ୍କା କୋଟିରେ | | |
| 2016-17 | 3,300.00 | 2,786.25 | - |
| 2017-18 | 3,600.00 | 3,221.03 | 15.60 |
| 2018-19 | 3,800.00 | 3,925.41 | 21.87 |
| 2019-20 | 4,600.00 | 4,495.52 | 14.52 |
| 2020-21 | 5,250.00 | 4,053.51 | (-) 9.83 |

***(ଉତ୍ସ: ଅବକାରୀ ଆୟୁକ୍ତଙ୍କ ଦ୍ୱାରା ପ୍ରଦତ୍ତ ସୂଚନା)***

[5] ନମୁନା ଭିତ୍ତିରେ ମନୋନୀତ ହୋଇଥିବା ବ୍ରହ୍ମପୁର, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ (ଛତ୍ରପୁର) ଏବଂ ଖୋର୍ଦ୍ଧା

[6] ମେସର୍ସ ଆସ୍କା ସମବାୟ ଚିନିକଳ ଲିମିଟେଡ୍, ଆସ୍କା, ମେସର୍ସ ଡେନ୍‌ଜଙ୍ଗ୍ ବ୍ରିଓ୍ୱେରୀ, ଖୋର୍ଦ୍ଧା, ମେସର୍ସ ଫର୍ଚ୍ୟୁନ୍ ସ୍ପିରିଟ୍ ଲିମିଟେଡ୍, ଗୋପାଳପୁର, ମେସର୍ସ କ୍ୱାଲିଟି ବୋଟଲର୍ସ(ପି) ଲିମିଟେଡ୍, ଯାଆଁଳା, ଖୋର୍ଦ୍ଧା, ମେସର୍ସ ମାଇକାଲ୍ ବିରରିଓ୍ୱେରୀ ଲିମିଟେଡ୍, ବଲାଙ୍ଗୀର ମେସର୍ସ ଓରିଏଣ୍ଟାଲ୍ ପ୍ରାଇଭେଟ୍ ଲିମିଟେଡ୍, ଖୋର୍ଦ୍ଧା, ମେସର୍ସ ଶକ୍ତି ମାଲଟାଓ୍ୱେର ଏବଂ ଲେମୋନେଡ୍ ପ୍ରାଇଭେଟ୍ ଲିମିଟେଡ୍, ଢେଙ୍କାନାଳ, ମେସର୍ସ ସୋମ ଡିଷ୍ଟିଲେରି ଏବଂ ବ୍ରିଓ୍ୱେରୀ ପ୍ରାଇଭେଟ୍ ଲିମିଟେଡ୍, କଟକ, ମେସର୍ସ ତ୍ରିନାଥ ସ୍ମାର୍ଟ ପ୍ୟାକ୍ ପ୍ରାଇଭେଟ୍ ଲିମିଟେଡ୍, ଖୋର୍ଦ୍ଧା, ମେସର୍ସ ୟୁନାଇଟେ୍ ବ୍ରିଓ୍ୱେରିସ୍, ଖୋର୍ଦ୍ଧା ଏବଂ ମେସର୍ସ ୟୁନାଇଟେଡ୍ ସ୍ପିରିଟ୍ ଲିମିଟଡେ୍ ଗୋପାଳପୁର

ଅବକାରୀ ଶୁଳ୍କ (ଇଡି), ମୂଲ୍ୟଯୁକ୍ତ କର (ଭିଏଟି), ଉତ୍ସରୁ ସଂଗୃହୀତ ଟିକସ (ଟିସିଏସ୍), ଅବକାରୀ ଲେବଲ୍ ଫି, ଉତ୍ପାଦନକାରୀ ଏବଂ ଖୁଚୁରା ବ୍ୟବସାୟୀଙ୍କ ଠାରୁ ଲାଇସେନ୍ସ ଫି ଇତ୍ୟାଦି ଅବକାରୀ ରାଜସ୍ୱର ମୁଖ୍ୟ ଉତ୍ସ । 2017-21 ମଧ୍ୟରେ ବିକ୍ରୟ କରାଯାଇଥିବା ମଦ ଦ୍ରବ୍ୟର ବର୍ଷୱାରୀ ଆୟତନ ନିମ୍ନ ସାରଣୀରେ ପ୍ରଦର୍ଶିତ ହୋଇଛି:

***ସାରଣୀ 2.2: 2017-21 ମଧ୍ୟରେ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି ହୋଇଥିବା ମଦ ଦ୍ରବ୍ୟର ପରିମାଣ***

| ବର୍ଷ | ଆଇଏମ୍ଏଫ୍ଏଲ୍ (ଏଲ୍‌ପିଏଲ୍ ଲକ୍ଷରେ[7]) | ବିଅର (ବିଏଲ୍ ଲକ୍ଷରେ [8]) | ଦେଶୀ ମଦ (ଏଲ୍‌ପିଏଲ୍ ଲକ୍ଷରେ) |
|---|---|---|---|
| 2017-18 | 460.74 | 708.79 | 105.77 |
| 2018-19 | 528.92 | 867.53 | 95.56 |
| 2019-20 | 532.35 | 935.79 | 78.62 |
| 2020-21 | 406.21 | 471.11 | 48.89 |

***(ଉତ୍ସ: ଓଏସ୍‌ବିସିଏଲ୍ ଦ୍ୱାରା ପ୍ରଦତ୍ତ ତଥ୍ୟ)***

## 2.2 ନିୟାମକ ଢାଞ୍ଚା

### *2.2.1 ଅତିରିକ୍ତ ନିରପେକ୍ଷ ସୁରାସାରର କ୍ରୟ ଏବଂ ପରିବହନ*

ସୁରାସାର ଓ ମଦ ଉତ୍ପାଦନ ପାଇଁ ମୌଳିକ କଞ୍ଚାମାଲ ଗୁଡିକ ଓଡ଼ିଶା ଅବକାରୀ ନିୟମ (ଓଇଆର୍) 2017 ଅନୁଯାୟୀ ନିୟନ୍ତ୍ରିତ । ଆଇଏମ୍ଏଫ୍ଏଲ୍ ଏବଂ ଦେଶୀ ମଦ (ସିଏଲ୍) ଉତ୍ପାଦନ ପାଇଁ ଏକ୍ସଟ୍ରା ନିଉଟ୍ରାଲ୍ ଆଲ୍‌କୋହଲ୍ (ଇଏନ୍ଏ) ହେଉଛି ମୌଳିକ କଞ୍ଚାମାଲ । ଓଇଆର୍‌ରେ ବ୍ୟବସ୍ଥା ଅନୁଯାୟୀ ଆଇଏମ୍ଏଫ୍ଏଲ୍ / ସିଏଲ୍‌ର ଉତ୍ପାଦନକାରୀ ଇଏନ୍ଏର ଉତ୍ପାଦନକାରୀ ଠାରୁ ଇଏନ୍ଏ ପରିବହନ (ରାଜ୍ୟ ମଧ୍ୟରେ) କିମ୍ବା ଆମଦାନୀ (ରାଜ୍ୟ ବାହାରୁ) ନିମନ୍ତେ ସଂପୃକ୍ତ ଜିଲ୍ଲା ଅବକାରୀ ଅଧିକାରୀ (ଡିଇଓ)ଙ୍କୁ ଅନୁମତି ଅର୍ଥାତ୍ ପାସ୍ ପାଇଁ ଆବେଦନ କରିବାକୁ ପଡେ । ପରିବହନ/ ଆମଦାନୀ କରିବାକୁ ଥିବା ଇଏନ୍ଏ ର ପରିମାଣ ଓ ପାସ୍‌ର ବିଧିମାନ୍ୟତା ଅବଧି ଆଦି ଡିଇଓଙ୍କ ଦ୍ୱାରା ଜାରି କରାଯାଇଥିବା ପାସରେ ଦର୍ଶାଯାଇଥାଏ । ଉତ୍ପାଦନ ୟୁନିଟ୍ ପରିସରରେ ଇଏନ୍ଏ ପହଞ୍ଚିବା ପରେ ଉତ୍ପାଦନ ୟୁନିଟର ଭାରପ୍ରାପ୍ତ ଅବକାରୀ ଅଧିକାରୀ (ଓଆଇସି) ପ୍ରକୃତ ପ୍ରାପ୍ତ ହୋଇଥିବା ଇଏନ୍ଏର ପରିମାଣ ଏବଂ ଗମନାଗମନ କ୍ଷତିର ପରିମାଣର ମୂଲ୍ୟାଙ୍କନ ନିମନ୍ତେ ଏହାକୁ ମାପ କରିବେ । ପାଞ୍ଚଦିନ ପର୍ଯ୍ୟନ୍ତ ଗମନାଗମନା କ୍ଷତି 0.5 ପ୍ରତିଶତ ଏବଂ ତାପରେ ଦିନକୁ 0.1 ପ୍ରତିଶତ ହାରରେ ଇଏନ୍ଏ ପରିବହନରେ ଅନୁମତି ଦିଆଯାଇଅଛି । ଉପରୋକ୍ତ ବିଷୟଗୁଡ଼ିକ ବ୍ୟତୀତ ଦୁଇ ପ୍ରତିଶତ ହାରରେ ଉତ୍ପାଦନ ଅପଚୟକୁ ମଧ୍ୟ ଅନୁମତି ଦିଆଯାଇଛି ।

ତେଣୁ, ଉତ୍ପାଦନକାରୀ ୟୁନିଟ୍ ସଂଯୁକ୍ତ ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ପରମିଟ୍ ବିପକ୍ଷରେ ଉତ୍ପାଦନକାରୀ ଦ୍ୱାରା କିଣାଯାଇଥିବା/ ଉପଯୋଗ ହୋଇଥିବା ଇଏନ୍ଏର ପରିମାଣ ପର୍ଯ୍ୟାଲୋଚନା କରିବା କେବଳ ଇଏନ୍ଏର ବୈଧ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱ ବହନ କରେ ନାହିଁ, ଅବକାରୀ ଶୁଳ୍କ ଏଡାଇବାକୁ ଯାଞ୍ଚ କରିବାରେ ମଧ୍ୟ ସାହାଯ୍ୟ କରେ ।

### *2.2.2 ଆଇଏମ୍ଏଫ୍ଏଲ/ ବିଅର/ ଦେଶୀ ମଦର ଉତ୍ପାଦନ, ଭଣ୍ଡାରଣ ଏବଂ ପ୍ରେରଣ*

ତିଆରି ଦ୍ରବ୍ୟ ବୋତଲୀକରଣ ପରେ ବୋତଲଗୁଡ଼ିକରେ ଅବକାରୀ ଲେବଲ (ଇଏଲ୍) ସଂପୃକ୍ତ ଉତ୍ପାଦନ ୟୁନିଟର ଶୁଳ୍କ ଅନ୍ତର୍ଭୁକ୍ତ ପଣ୍ୟାଗାରରେ ଗଚ୍ଛିତ ରଖାଯାଏ । ୟୁନିଟରେ ମୁତୟନ ହୋଇଥିବା ଓଆଇସିଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରକ୍ରିୟା ପାଳନ କରାଯାଇଥାଏ । ଏହାର ଆବଶ୍ୟକତା ଅନୁସାରେ ଓଏସ୍‌ବିସିଏଲ୍ ମଦ ଯୋଗାଣ ପାଇଁ କ୍ରୟ ଆଦେଶ (ପିଓ) ଉତ୍ପାଦନକାରୀଙ୍କ ଠାରେ ସ୍ଥାପନ କରେ । ପିଓ ଆଧାରରେ ଯୋଗାଣକାରୀ ଅବକାରୀ ଶୁଳ୍କ ଆମଦାନୀ ଫି ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ଫିସମୂହ ଓଏସ୍‌ବିସିଏଲ୍ ନିକଟରେ ଜମା କରିଥାଏ । ପ୍ରତିବଦଳରେ ଉତ୍ପାଦକଙ୍କ ପଣ୍ୟାଗାରରୁ ମଦ ଉଠାଣ ନିମନ୍ତେ ପରମିଟ୍ ପାଇଁ ଆବେଦନ କରିବା ସହ ଓଏସ୍‌ବିସିଏଲ୍ ଏହି ରାଶି ସରକାରଙ୍କ ଆକାଉଣ୍ଟକୁ ପଠାଇଥାଏ । ଡିଇଓ, ଖୋର୍ଦ୍ଧା ହେଉଛି କେନ୍ଦ୍ରୀଭୂତ ଡିଇଓ

---

7 ଲଣ୍ଡନ ପ୍ରୁଫ୍ ଲିଟର କିମ୍ବା "ଏଲ୍‌ପି" କିମ୍ବା କେବଳ "ପ୍ରୁଫ୍" ଅର୍ଥ ହେଉଛି ସାଇକମ୍ ହାଇଡ୍ରୋମିଟର କିମ୍ବା ଆୟୁକ୍ତଙ୍କ ଦ୍ୱାରା ଅନ୍ୟ କୌଣସି ଯନ୍ତ୍ର ଦ୍ୱାରା ମଦର ଶକ୍ତି ନିରୂପଣ

8 ବଲ୍କ ଲିଟର

କାର୍ଯ୍ୟାଳୟ, ଯାହାକି ଓଡ଼ିଶା ରାଜ୍ୟ ମଧ୍ୟରେ ମଦ ଦ୍ରବ୍ୟର ଗତିବିଧି ପାଇଁ ଗମନାଗମନ ପାସ୍ ଜାରି କରିଥାଏ । ଓଏସ୍‌ବିସିଏଲ୍‌କୁ ମଦ ଷ୍ଟକ୍ ଉଠାଇବା ପାଇଁ ପରମିଟ୍‌ଗୁଡ଼ିକ ଜାରି କରିବା ପାଇଁ ଏହା ଦାୟୀ । ପରମିଟ୍ ଆଧାରରେ ଓଏସ୍‌ବିସିଏଲ୍ ଉତ୍ପାଦନକାରୀମାନଙ୍କୁ ପ୍ରେରଣ ନୋଟ୍ ପ୍ରଦାନ କରେ ଏବଂ ଓଏସ୍‌ବିସିଏଲ୍ ଗୋଦାମରେ ପ୍ରାପ୍ତ ଷ୍ଟକ୍ ମାଲ ପ୍ରାପ୍ତି ନୋଟ୍ (ଜିଆର୍‌ଏନ) ରେ ନଥିଭୁକ୍ତ କରାଯାଏ । ଓଏସ୍‌ବିସିଏଲ୍, ଭିଏଟି, ଟିସିଏସ୍, ନିଗମର ମୂଲ୍ୟ ପାର୍ଥକ୍ୟ ଆଦି ମଦ ନିଗମ ଦାମ ସହ ଆଦାୟ କରି ଲାଇସେନ୍ସ ପ୍ରାପ୍ତ ଖୁଚୁରା ବ୍ୟବସାୟୀ ମାନଙ୍କୁ ମଦର ଷ୍ଟକ ପ୍ରଦାନ କରେ । ଖୁଚୁରା ବିକ୍ରୟ କାରବାର ସମାପ୍ତ ହେବା ପରେ ଓଏସ୍‌ବିସିଏଲ୍ ଉତ୍ପାଦନକାରୀଙ୍କୁ ମଦ ମୂଲ୍ୟ ସହିତ ଅବକାରୀ ଶୁଳ୍କ, ଆମଦାନୀ ଫି ଏବଂ ଅନ୍ୟାନ୍ୟ ଫି ଫେରସ୍ତ କରେ ।

ଉତ୍ପାଦିତ, ଯୋଗାଣ କରାଯାଇଥିବା ମଦର ପରିମାଣ ଏବଂ ଶେଷରେ ଖୁଚୁରା ବ୍ୟସାୟୀମାନଙ୍କୁ ବିକ୍ରି କରାଯାଇଥିବା ମଦର ପରିମାଣ ବ୍ୟତୀତ ବିକ୍ରି ହୋଇନଥିବା ମଦ ଷ୍ଟକ୍‌ର ପରିମାଣ ଏବଂ ବ୍ୟବହାର ନକରିବା ଉଦ୍ଦେଶ୍ୟରେ ନିକାଶ ଆବଶ୍ୟକ କରୁଥିବା ଇତ୍ୟାଦିର ପର୍ଯ୍ୟଲୋଚନା କରିବାରେ ଭାରପ୍ରାପ୍ତ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଯୋଗାଣ ଶୃଙ୍ଖଳ ପରିଚାଳନାରେ ଓଆଇସିମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡ଼ିକର ନିର୍ବାହରେ ରହିଥିବା ତ୍ରୁଟିବିଚ୍ୟୁତି ସହ ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି ।

## 2.3 ନିୟନ୍ତ୍ରଣ ତ୍ରୁଟିବିଚ୍ୟୁତି

### *2.3.1 କ୍ରୟ ହୋଇଥିବା ଇଏନ୍‌ଏର ହିସାବ ନରହିବା ଏବଂ ରାଜସ୍ୱ କ୍ଷତି*

ଏକ୍ସଟ୍ରା ନିଉଟ୍ରାଲ୍ ଆଲ୍‌କୋହଲ୍ (ଇଏନ୍‌ଏ ଯାହାକୁ ସ୍ପିରିଟ୍ ମଧ କୁହାଯାଏ) ଆଇଏମଏଫ୍‌ଏଲ ଉତ୍ପାଦନ ପାଇଁ ପ୍ରାଥମିକ କଞ୍ଚାମାଲ । ଅବକାରୀ କର୍ତ୍ତୃପକ୍ଷଙ୍କୁ ବିନା ଘୋଷଣାରେ ଆଇଏମ୍‌ଏଫ୍‌ଏଲର ଅଧିକ ଉତ୍ପାଦନ ସୁଯୋଗକୁ ହ୍ରାସ କରିବାକୁ ଇଏନ୍‌ଏର ପରିବହନ, ଭଣ୍ଡାରଣ ଏବଂ ଉପଯୋଗ ପ୍ରକ୍ରିୟାର ପ୍ରଭାବି ଢଙ୍ଗରେ ପର୍ଯ୍ୟାଲୋଚନା ଆବଶ୍ୟକ ଏବଂ ଏଥିପାଇଁ ପ୍ରଯୁଜ୍ୟ ବ୍ୟବସ୍ଥାକୁ ଓଡ଼ିଶା ଅବକାରୀ ନିୟମରେ ଅନ୍ତର୍ଭୁକ୍ତ କରାଯାଇଛି ।

ଓଡ଼ିଶା ଅବକାରୀ ନିୟମ 2017ର ନିୟମ 91 ଅନୁଯାୟୀ କେବଳ ବଣ୍ଡ୍ ଅଧିନ ଇଏନ୍‌ଏର ପରିବହନ କିମ୍ବା ରପ୍ତାନୀ, ଧାତବ ପାତ୍ରରେ ସ୍ଥଳ ଭାଗରେ କରାଯାଉଥିଲେ, ଗଳନ କିମ୍ବା ବାଷ୍ପୀଭବନ ହେତୁ ଗମନାଗମନ କ୍ଷତି କୌଣସି କ୍ଷେତ୍ରରେ ନିମ୍ନଲିଖିତ ଯଥାଯୋଗ୍ୟ ଅଧିକତମ ହାରଠାରୁ ଅଧିକ ହାର ଅନୁମତି ଦିଆଯିବ ନାହିଁ । ଗମନାଗମନ ଅବଧି ଗ୍ରହଣକାରୀ ଗୋଦାମରେ ପହଞ୍ଚିବାର ତାରିଖ ଅନ୍ତର୍ଭୁକ୍ତ କରିବ କିନ୍ତୁ ପଠାଇବା ଦିନ ନୁହେଁ :

- ପାଞ୍ଚ ଦିନରୁ ଅଧିକ ସମୟର ଯାତ୍ରା ପାଇଁ: 0.5 ପ୍ରତିଶତ; ଏବଂ
- ପାଞ୍ଚ ରୁ ଅଧିକ କିନ୍ତୁ 20 ଦିନରୁ ଅଧିକ ହେଉନଥିବା ଯାତ୍ରା ସମୟ ପାଇଁ: ପ୍ରତି ଦିନର ଯାତ୍ରା ପାଇଁ 0.1 ପ୍ରତିଶତ ।

ପରିବାହିତ କିମ୍ବା ରପ୍ତାନୀ ହୋଇଥିବା ପ୍ରେରିତ ସ୍ପିରିଟ୍ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ବିଷୟ ଯାହାଙ୍କ ଦ୍ୱାରା ମାପ ଏବଂ ପ୍ରମାଣିତ ହୋଇଥିବ, ଯଦି ସେହି ଅଧିକାରୀଙ୍କ ବିବୃତ୍ତିରୁ ଦେଖାଗଲା ଯେ ଉପରୋକ୍ତ ଯଥାଯୋଗ୍ୟ ଅନୁମୋଦିତ ହାର ଠାରୁ ଅତ୍ୟଧିକ ଅପଚୟ ଘଟିଛି, ସେହି ଅଧିକାରୀଙ୍କଠାରୁ ଏହି ମର୍ମରେ ଜ୍ଞାପନ ପ୍ରାପ୍ତ ହେଲେ, ପଣ୍ୟାଗାର ରକ୍ଷକ ଦେଶୀମଦ ଉପରେ ନିୟମ 91(2) ଅନୁଯାୟୀ ସେହି ସମୟରେ ବଳବତ୍ତର ଥିବା ସର୍ବୋଚ୍ଚ ହାରରେ ତୁରନ୍ତ ଶୁଳ୍କ ପୈଠ କରିବେ ।

ଅଡିଟ୍ ଦେଖିଲା ଯେ 2017-21 ଅବଧିରେ ଦୁଇଟି ଉତ୍ପାଦନ ୟୁନିଟ୍[9] ଦ୍ୱାରା କିଣାଯାଇଥିବା 4,52,990.72 ଏଲ୍‌ପିଏଲ୍ ଇଏନ୍‌ଏ କ୍ଷେତ୍ରରେ ମଦ ଉତ୍ପାଦନକାରୀ ଓଆଇସିଙ୍କ ଦ୍ୱାରା ପରିଚାଳିତ ଇଏନ୍‌ଏ ଷ୍ଟକ୍ ରେଜିଷ୍ଟରରେ ଏଭଳି କ୍ରୟ ପାଇଁ ଡିଇଓଙ୍କ ଦ୍ୱାରା ଜାରି କରାଯାଇଥିବା ପାସର ଦ୍ରଷ୍ଟବ୍ୟ ରେକର୍ଡ କରାଯାଇନଥିଲା । ଉତ୍ପାଦନକାରୀ ୟୁନିଟର ଓଆଇସି ପ୍ରାପ୍ତ ହୋଇଥିବା ପ୍ରକୃତ ପ୍ରେରିତ ମାଲ ସହିତ ଜାରି କରାଯାଇଥିବା ପାସ୍ (ଯଦି ଥାଏ)ର ପ୍ରତିପରୀକ୍ଷା ମଧ କରିନଥିଲେ । ଏହିପରି, ମଦ ଉତ୍ପାଦନ ପାଇଁ ପ୍ରାପ୍ତ ଏବଂ ଉପଯୋଗ ହୋଇଥିବା

---

[9] ଶକ୍ତି ମାଲଟାର୍ ଆଣ୍ଡ ଲେମୋନେଡ୍, ଢେଙ୍କାନାଳ (1,41,010.80 ଏଲ୍‌ପିଏଲ୍) ଏବଂ ଆସ୍କା ସମବାୟ ଚିନିକଳ ଲିମିଟେଡ୍ (4,18,970.72)

ଇଏନ୍‌ଏ ଉପରେ ଅବକାରୀ ଶୁଳ୍କ ଆଦାୟ ହୋଇପାରି ନଥିଲା । ଫଳସ୍ୱରୂପ, 4,52,990.72 ୟୁନିଟ୍ ହାର ଉତ୍ପାଦିତ ଏଲ୍‌ପିଏଲ୍ ଇଏନ୍‌ଏ ଉପରେ ବ୍ରାଣ୍ଡ ପାଇଁ ପ୍ରଯୁଜ୍ୟ ସର୍ବୋଚ୍ଚ ହାରରେ ହିସାବ କରାଯାଇଥିବା 6.60 କୋଟି ଟଙ୍କାର ଅବକାରୀ ଶୁଳ୍କ ଅନାଦାୟ ରହିଥିଲା । ଏହା ମଧ୍ୟ ଜାରି କରାଯାଇଥିବା ପାସ୍ ବିପକ୍ଷରେ ଉତ୍ପାଦନ ୟୁନିଟ୍ ଦ୍ୱାରା ପ୍ରକୃତ ଇଏନ୍‌ଏ ପ୍ରାପ୍ତିର ପର୍ଯ୍ୟାଲୋଚନା କରିବାରେ ସଂପୃକ୍ତ ଓଆଇସିଙ୍କ ତ୍ରୁଟିବିଚ୍ୟୁତିକୁ ସୂଚାଉଥିଲା ।

ସ୍ପିରିଟ୍‌ର ଆମଦାନୀ/ ପରିବହନ ପାଇଁ, ଏସ୍ଇ ମାନେ କେବଳ ପାସ୍ ଜାରି କରିଥିଲେ, କିନ୍ତୁ କୌଣସି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିନଥିଲେ । ସେମାନେ ପ୍ରେରିତ ସାମଗ୍ରୀର ଗତିଶୀଳତାର ପର୍ଯ୍ୟାଲୋଚନା ପ୍ରଭାବୀ ଢଙ୍ଗରେ କରିନଥିଲେ କିମ୍ବା ଅବ୍ୟବହୃତ ପାସ୍ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ସହମତିକରଣକୁ ସୁନିଶ୍ଚିତ କରିନଥିଲେ ଏବଂ ଉଲ୍ଲେଖ ଯୋଗ୍ୟ/ ଅସ୍ୱାଭାବିକ ସଂଖ୍ୟକ ଅବ୍ୟବହୃତ ପାସ୍ କ୍ଷେତ୍ରରେ ସେମାନେ ଉତ୍ପାଦନକାରୀ ୟୁନିଟ୍ ଗୁଡ଼ିକରେ ଗଚ୍ଛିତ ଥିବା ଇଏନ୍‌ଏର ପରିମାଣରେ କମ୍ ଦର୍ଶାଇବାକୁ ଚିହ୍ନଟ କରିବା ପାଇଁ ସାମୟିକ ବସ୍ତୁଗତ ନିରୀକ୍ଷଣକୁ ସୁନିଶ୍ଚିତ କରିନଥିଲେ ।

ଏହିପରି ଭାବରେ, ଓଆଇସି ଏବଂ ଡିଇଓମାନଙ୍କ ଦ୍ୱାରା ଆଇଏମ୍‌ଏଫ୍‌ଏଲ୍ ପାଇଁ ମୌଳିକ କଞ୍ଚାମାଲର ପରିବହନ, ଭଣ୍ଡାରକରଣ ଓ ପ୍ରାପ୍ତିର ପ୍ରଭାବୀ ପର୍ଯ୍ୟାଲୋଚନା ବିଷୟରେ ଅଡିଟ୍ ନିଶ୍ଚିତତା ପ୍ରାପ୍ତି କରିବାରେ ଅସମର୍ଥ ହୋଇଥିଲେ ।

ବିଭାଗ ବ୍ୟକ୍ତ କରିଥିଲେ (ଅପ୍ରେଲ 2022) ଯେ ଅତିରିକ୍ତ ପରିମାଣର ଇଏନ୍‌ଏ ଉପରେ ସଂପୃକ୍ତ ସମୟରେ ଆଇଏମ୍‌ଏଫ୍‌ଏଲ ପାଇଁ ପ୍ରଚଳିତ ସର୍ବୋଚ୍ଚ ହାରରେ ଇଡି ଧାର୍ଯ୍ୟ କରାନଯାଇ ଦେଶୀ ମଦ ପାଇଁ ପ୍ରଚିଳିତ ସର୍ବୋଚ୍ଚ ହାରରେ ଇଡି ଧାର୍ଯ୍ୟ କରାଯିବା ଉଚିତ୍ । ଏହା ମଧ୍ୟ ବ୍ୟକ୍ତ କରାଯାଇଥିଲା ଯେ, ମେସର୍ସ ମାଲ୍‌ଟାର୍ ଓ ଲେମୋନେଡ୍, ଢେଙ୍କାନାଳ ସପକ୍ଷରେ ଜାରି କରାଯାଇଥିବା ଦୁଇଟି ଅନୁମତି ୟୁନିଟ୍ ଦ୍ୱାରା କାର୍ଯ୍ୟକାରୀ କରାଯାଇ ନଥିଲା ଏବଂ ମେସର୍ସ ଆସ୍କା ସମବାୟ ଚିନି ଶିଳ୍ପ ଲିମିଟେଡ୍‌କୁ ଇଡି ଜମା କରିବା ପାଇଁ ଦାବି ପତ୍ର ଜାରି କରାଯାଇଛି (ମାର୍ଚ୍ଚ 2022) ।

ଅତିରିକ୍ତ ପରିମାଣ ଉପରେ ଇଡି ହିସାବ ଉପରେ ପ୍ରଦାନ କରାଯାଇଥିବା ଉତ୍ତର ଯୁକ୍ତିସଙ୍ଗତ ନଥିଲା କାରଣ ଦେଶୀ ମଦ ଅଶୋଧିତ ଚିନି, ଗୁଡ଼ ଇତ୍ୟାଦି ଭଳି ସାମଗ୍ରୀରୁ ପ୍ରସ୍ତୁତ ସାଧାରଣ ସ୍ପିରିଟ୍ ଯାହା ଆଇଏମ୍‌ଏଫ୍‌ଏଲ୍ ପ୍ରସ୍ତୁତି ପାଇଁ ମୌଳିକ କଞ୍ଚାମାଲ । ସ୍ପିରିଟ୍, ଆଇଏମ୍‌ଏଫ୍‌ଏଲ୍ ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ହୋଇଥିବା ହେତୁ, ନିୟମ 91(2) ଅନୁଯାୟୀ, ସଂପୃକ୍ତ ୟୁନିଟ୍ ଦ୍ୱାରା ଉତ୍ପାଦିତ ବ୍ରାଣ୍ଡର ସର୍ବୋଚ୍ଚ ଦର ଭିତ୍ତିରେ ଇଡି ହିସାବ କରାଯିବା ଉଚିତ୍ । ମେସର୍ସ ଶକ୍ତି ମାଲଟାର୍ ଓ ଲେମୋନେଡ୍ ଦୁଇଟି ଅନୁମତି କାର୍ଯ୍ୟକାରୀ କରିନଥିବା ସମ୍ପର୍କିତ ବକ୍ତବ୍ୟ ଯୁକ୍ତିସଙ୍ଗତ ନଥିଲା, ଯେହେତୁ କୁହାଯାଉଥିବା ଅନୁମତି ଏସ୍ଇ, ଢେଙ୍କାନାଳଙ୍କ ଦ୍ୱାରା ରଦ୍ଦ କରାଯାଇନଥିଲା କିମ୍ବା ଜମା କରାଯାଇଥିବା ପରିମାଣ ପରବର୍ତ୍ତୀ ସମୟରେ ଆଡ୍‌ଜଷ୍ଟ କରାଯାଇ ନଥିଲା ।

### 2.3.2 *ଅତ୍ୟଧିକ ଗମନାଗମନ କ୍ଷତି ଅନୁମତି ପ୍ରାପ୍ତ ହେତୁ ଅବକାରୀ ଶୁଳ୍କ କ୍ଷତି*

ଅଡିଟ୍ ସାତଟି ଆଇଏମ୍‌ଏଫ୍‌ଏଲ୍ ଉତ୍ପାଦନ ୟୁନିଟ୍ ସମ୍ବନ୍ଧୀୟ ଇଏନ୍‌ଏ ଷ୍ଟକ୍ ଏକାଉଣ୍ଟ ଏବଂ ପାସ୍ ପ୍ରଦାନ ରେଜିଷ୍ଟର ଯାଞ୍ଚ କଲା ଏବଂ ଲକ୍ଷ୍ୟକଲା ଯେ ଇଏନ୍‌ଏ ପାଇଁ 435 ଆମଦାନୀ/ ପରିବହନ ପାସ୍ ଗୋଟିଏ ୟୁନିଟ୍[10] ସପକ୍ଷରେ ଡିଇଓଙ୍କ ଦ୍ୱାରା 2017-21 ମଧ୍ୟରେ ଜାରି କରାଯାଇଥିଲା । ଏଲ୍‌ପିଏଲ୍ ଇଏନ୍‌ଏ ସହ 3,61,280 ଜଡ଼ିତ ନଅଟି ପାସ୍ ସମ୍ବନ୍ଧରେ କେବଳ 3,57,279.45 ଏଲ୍‌ପିଏଲ୍ ଇଏନ୍‌ଏ ପ୍ରାପ୍ତ ଥିବାର ରେକର୍ଡଭୁକ୍ତ ହୋଇଥିଲା ଏବଂ ୟୁନିଟ୍ ଗୁଡ଼ିକର ଟ୍ୟାଙ୍କରେ ଗଚ୍ଛିତ ହୋଇଥିଲା । ଏହିପରି 4,000.55 ଏଲ୍‌ପିଏଲ୍ ଇଏନଏ ଅପଚୟ ଭାବରେ ରେକର୍ଡଭୁକ୍ତ ହେଲା । ସ୍ପିରିଟ୍ ପରିବହନ ଜଡ଼ିତ ଗମନାଗମନ ସମୟ ଏକ ରୁ ଦଶ ଦିନ ମଧ୍ୟରେ ରହିଥିଲା ଏବଂ ଓଇଆର୍ 2017 ଅନୁଯାୟୀ ଅନୁମତି ପ୍ରାପ୍ତ ଅପଚୟ 2,436.40 ଏଲ୍‌ପିଏଲ୍ ଥିବାର ହିସାବ କରାଯାଇଥିଲା । ଏହିପରି, ଉତ୍ପାଦନ ୟୁନିଟ ଗୁଡ଼ିକ ଅବଶିଷ୍ଟ 1,564.15 ଏଲ୍‌ପିଏଲ୍ ଉପରେ 6.15 ଲକ୍ଷ ଟଙ୍କାର ଅବକାରୀ ଶୁଳ୍କ ଦେବାକୁ ଥିଲା ***(ପରିଶିଷ୍ଟ 2.1)*** । ସଂପୃକ୍ତ ଓଆଇସିମାନେ ଅନୁମତି ପ୍ରାପ୍ତ

10 ମେସର୍ସ ଶକ୍ତି ମାଲଟାର ଏବଂ ଲେମୋନେଡ୍, ଢେଙ୍କାନାଳ

ଗମନାଗମନ ଅପଚୟକୁ ହିସାବ କରିନଥିଲେ ଏବଂ ଡିସେମ୍ବର 2021 ସୁଦ୍ଧା ଅଧିକା ପରିମାଣର ଗମନାଗମନ ଅପଚୟ ବିରୁଦ୍ଧରେ ଦାବି ଉପସ୍ଥାପନ କରିନଥିଲେ ।

ଅଡିଟ୍‌ରେ ସୂଚିତ କରାଯିବା ପରେ ମେସର୍ସ ଶକ୍ତି ମାଲଟାର ଏବଂ ଲେମୋନେଡ୍, ଢେଙ୍କାନାଳର 2019-20 ଏବଂ 2020-21 ବର୍ଷର ଉତ୍ପାଦନ ରେଜିଷ୍ଟର, ନିର୍ଗମନ ରେଜିଷ୍ଟର, ବାହ୍ୟ ରେଜିଷ୍ଟର, ଆଇଏମ୍‌ଏଫ୍‌ଏଲ ଷ୍ଟକ୍ ଆକାଉଣ୍ଟ ଆଦି ରେକର୍ଡ ଗୁଡ଼ିକ ଜବତ କରାଯାଇଥିଲା ଏବଂ ଏଗୁଡ଼ିକ ସ୍ଥାନୀୟ ପୋଲିସ୍ କର୍ତ୍ତୃପକ୍ଷଙ୍କ ହେପାଜତରେ ଥିଲା ।

ବିଭାଗ ବ୍ୟକ୍ତ କରିଥିଲେ (ଅପ୍ରେଲ 2022) ଯେ, ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ଅତିରିକ୍ତ ଗମନାଗମନ ଅପଚୟ ବାବଦ ଦେୟ ପୈଠ କରିବା ପାଇଁ ମେସର୍ସ ଶକ୍ତି ମାଲ୍‌ଟାର ଓ ଲେମୋନେଡ୍‌କୁ ଦାବିପତ୍ର ପ୍ରେରଣ କରାଯାଇଥିଲା (ଅପ୍ରେଲ 2022) ।

### *2.3.3 ବସ୍ତୁଗତ ସତ୍ୟାପନର ସଞ୍ଚାଳନ ନହେବା*

ଓଡ଼ିଶା ଅବକାରୀ ନିୟମାବଳୀ 2017 ର ନିୟମ 91 ଅନୁଯାୟୀ କେବଳ ବଣ୍ଡ ଅଧିନ ଇଏନ୍‌ଏର ପରିବହନ କିମ୍ବା ରପ୍ତାନୀ, ଧାତବ ପାତ୍ରରେ ସ୍ଥଳଭାଗରେ କରାଯାଉଥିଲେ ଗଳନ କିମ୍ବା ବାଷ୍ପୀଭବନ ହେତୁ ଗମନାଗମନ କ୍ଷତି କୌଣସି କ୍ଷେତ୍ରରେ ନିମ୍ନଲିଖିତ ଯଥାଯୋଗ୍ୟ ଅଧିକତମ ହାର ଠାରୁ ଅତ୍ୟଧିକ ହାର ଛାଡ଼ କରାଯିବ ନାହିଁ । ଗମନାଗମନ ଅବଧି ମଧ୍ୟରେ ପଣ୍ୟାଗାରରେ ପହଞ୍ଚିବା ତାରିଖ ଅନ୍ତର୍ଭୁକ୍ତ ରହିବ କିନ୍ତୁ ପଠାଇବା ଦିନ ନୁହେଁ:

- ପାଞ୍ଚ ଦିନରୁ ଅଧିକ ହୋଇନଥିବା ସମୟର ଯାତ୍ରା ପାଇଁ: 0.5 ପ୍ରତିଶତ; ଏବଂ
- ପାଞ୍ଚ ଦିନରୁ ଅଧିକ କିନ୍ତୁ 20 ଦିନରୁ ଅଧିକ ହୋଇନଥିବା ସମୟର ଯାତ୍ରା ପାଇଁ: ପ୍ରତ୍ୟେକ ଯାତ୍ରା ଦିନ ପାଇଁ: 0.1 ପ୍ରତିଶତ ।

ପ୍ରକୃତ ଗମନାଗମନ କ୍ଷତିକୁ ଆକଳନ ନକରି ଅବକାରୀ ଓଆଇସିଙ୍କ ଦ୍ୱାରା ପ୍ରତିବେଦିତ ଗମନାଗମନ କ୍ଷତିକୁ ଗ୍ରହଣ କରାଯାଇଥିବା ହେତୁ ସମ୍ଭାବ୍ୟ ଅବକାରୀ ରାଜସ୍ୱର କ୍ଷତିର ସମ୍ଭାବନା ଅଡିଟ୍ ଲକ୍ଷ୍ୟ କରିଥିଲେ । ଅଧିକନ୍ତୁ, ପ୍ରକୃତ ଗମନାଗମନ କ୍ଷତିଠାରୁ ଅଧିକ ପ୍ରତିବେଦିତ କରିବା, ଏହା ସର୍ବାଧିକ ଅନୁମତିପ୍ରାପ୍ତ ସୀମା ମଧ୍ୟରେ ଥିଲେ ମଧ୍ୟ, ଅବକାରୀ ଶୁଳ୍କ ଫାଙ୍କିବାକୁ ଅଗ୍ରାହ୍ୟ କରିହେବ ନାହିଁ, ଯାହା ନିମ୍ନ ଦୃଷ୍ଟାନ୍ତରୁ ସ୍ପଷ୍ଟ ହୋଇଥିଲା ।

- ଅବକାରୀ ଉପଅଧିକ୍ଷକ, ବ୍ରହ୍ମପୁରଙ୍କ ଦ୍ୱାରା ମେସର୍ସ ୟୁନାଇଟେଡ୍ ସ୍ପିରିଟ୍ ଲିମିଟେଡ୍ (ୟୁଏସ୍‌ଏଲ୍)ର ଇଏନ୍‌ଏ ଷ୍ଟକର 7 ଜାନୁଆରୀ 2020 ରେ ବସ୍ତୁନିଷ୍ଠ ସତ୍ୟାପନରୁ ରେକର୍ଡଭୁକ୍ତ ନିଲ୍ ଷ୍ଟକ୍ ବିପକ୍ଷରେ 34,419.344 ଏଲ୍‌ପିଏଲ୍ ଇଏନ୍‌ଏର ଅସ୍ତିତ୍ୱ ବିଷୟ ଜଣାପଡ଼ିଥିଲା । ଅବକାରୀ ଆୟୁକ୍ତ 1.80 ଲକ୍ଷ ଟଙ୍କା ଓ 0.50 ଲକ୍ଷ ଟଙ୍କାର ଅବକାରୀ ଶୁଳ୍କ ଓ ଜରିମାନା ଯଥାକ୍ରମେ ଧାର୍ଯ୍ୟ କରିଥିଲେ (ମାର୍ଚ୍ଚ 2020) ।

ଏହିପରି, ଯାଞ୍ଚ ଏବଂ ପ୍ରାପ୍ତ ଇଏନ୍‌ଏର ପ୍ରକୃତ ପରିମାଣ ଏବଂ ଗମନାଗମନ କ୍ଷତିର ପରିମାପର ଅନୁପସ୍ଥିତି ହେତୁ, ଉତ୍ପାଦନ ୟୁନିଟ୍ ଗୁଡ଼ିକ ଖିଲାପ କରି ସେମାନଙ୍କ ଏକାଉଣ୍ଟରେ ଇଏନ୍‌ଏ ପରିମାଣକୁ କମ୍ ଦର୍ଶାଇ ସର୍ବାଧିକ ଅନୁମତି ପ୍ରାପ୍ତ ଗମନାଗମନ କ୍ଷତି ଲାଭ କରୁଥିଲେ ।

ବିଭାଗ ବ୍ୟକ୍ତ କରିଥିଲେ (ଅପ୍ରେଲ 2022) ଯେ ମେସର୍ସ ୟୁଏସ୍‌ଏଲ୍, ଇଡି ଓ ଜରିମାନା ବାବଦକୁ ଯଥାକ୍ରମେ 1.80 ଲକ୍ଷ ଟଙ୍କା ଓ 0.50 ଲକ୍ଷ ଟଙ୍କା ଜମା କରିଥିଲେ (ଅପ୍ରେଲ 2020) । ବିଭାଗ ଆହୁରି ମଧ୍ୟ ବ୍ୟକ୍ତ କରିଥିଲେ ଯେ ସେମାନଙ୍କର ପରିସରରେ ଥିବା ଇଏନ୍‌ଏ ଷ୍ଟକର ତ୍ୱରିତ ବସ୍ତୁଗତ ନିରୀକ୍ଷଣ ପାଇଁ ମାସ୍ ଫ୍ଲୋ ମିଟର ଓ ରାଡାର ସ୍ତରର ଟ୍ରାନ୍ସ୍‌ମିଟର ସ୍ଥାପନ ପାଇଁ ସମସ୍ତ ଉତ୍ପାଦନ ୟୁନିଟ୍ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବ ।

### *2.3.4 ବର୍ଦ୍ଧିତ ଅବଧି ପାଇଁ ମଦ ଦ୍ରବ୍ୟର ସଂରକ୍ଷଣ ଦିଗରେ ଅବକାରୀ ଶୁଳ୍କ ଏବଂ ଜରିମାନା ଅନାଦାୟ*

ନିୟମ 98 ରେ ଦର୍ଶାଯାଇଛି ଯେ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ଆଇଏମ୍‌ଏଫ୍‌ଏଲ୍, ବୋତଲ ଭର୍ତ୍ତି ହେବା ପରେ ତିନିମାସ ମଧ୍ୟରେ ଅନୁମୋଦିତ ଷ୍ଟୋରଗୃହରୁ ସମସ୍ତ ବୋତଲ ଭର୍ତ୍ତି ଆଇଏମ୍‌ଏଫ୍‌ଏଲ୍, ମଦ ଏବଂ ବିଅରକୁ ଅପସାରଣ କରିବେ । ଯଦି ତିନି ମାସ ମଧ୍ୟରେ ବୋତଲଗୁଡ଼ିକୁ ହଟାନଯାଏ ଏବଂ ଅବକାରୀ ଆୟୁକ୍ତ ସନ୍ତୁଷ୍ଟ ହୁଅନ୍ତି

ଯେ ଷ୍ଟକ୍ ସାମଗ୍ରୀଗୁଡ଼ିକ ମାନବ ବ୍ୟବହାର ପାଇଁ ଉପଯୁକ୍ତ, ତେବେ ବୋତଲଗୁଡ଼ିକ ଅପସାରଣ ପାଇଁ ସମୟ ସୀମାକୁ ଆହୁରି ତିନି ମାସ ବୃଦ୍ଧି କରିବାକୁ ଅନୁମତି ଦିଆଯାଇପାରେ । ନିୟମ 99(3) ଉଲ୍ଲେଖ କରାଯାଇଛି ଯେ ଓଆଇସି, ଫର୍ମ XXI ରେ ଏକ ପୃଥକ ରେଜିଷ୍ଟର ଚାଲୁ ରଖିବେ ଏବଂ ପ୍ରତ୍ୟେକ ଆମଦାନୀ ସ୍ଥାନ, ବ୍ୟାଚ୍ ନମ୍ବର, ପ୍ରସ୍ତୁତିକରଣର ବର୍ଷ ଏବଂ ପ୍ରାପ୍ତି ଏବଂ ନିର୍ଗମନ ତାରିଖ ସହ କନସାଇନ୍‌ମେଣ୍ଟରେ ପ୍ରାପ୍ତ ହୋଇଥିବା ଷ୍ଟକର ପ୍ରତ୍ୟେକ ବ୍ରାଣ୍ଡର ଗୁଣବତ୍ତା ଦର୍ଶାଉଥିବା ଏକ ରେକର୍ଡ ରଖିବେ (ଉତ୍ପାଦକଙ୍କ ଶୁଳ୍କ ପେଠ ଗୋଦାମ ଘରେ) । ନିୟମ 99 (7) (b) ଅନୁଯାୟୀ, ଯଦି ଉତ୍ପାଦନ ୟୁନିଟ୍‌ରେ ଗଚ୍ଛିତ କୌଣସି ମଦର ଷ୍ଟକ୍ ଗଳନ, ଅବକ୍ଷେପଣ, ପାତ୍ରର କ୍ଷତି ହେତୁ ଗୁଣବତ୍ତା ଖରାପ ହୋଇଯାଏ କିମ୍ବା ଦୀର୍ଘ ଷ୍ଟୋରେଜ୍ ହେତୁ ମାନବ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଯାଏ, ଏପରି ନଷ୍ଟ ହୋଇଥିବା ଷ୍ଟକ୍ ଉପରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବାକୁ ଥିବା ଶୁଳ୍କ ସହିତ ସମାନ ଜରିମାନା ଯାହା ଦେୟ ପରିମାଣ ଠାରୁ ଦଶ ପ୍ରତିଶତ ଅଧିକ, ଲାଇସେନ୍ସଧାରୀଙ୍କୁ ଦେବାକୁ ପଡ଼ିବ ।

ଅଡିଟ୍ 2017-18 ରୁ 2020-21 ମଧ୍ୟରେ ଯାଞ୍ଚ ପାଇଁ ଚିହ୍ନିତ ହୋଇଥିବା 11 ଟି ଉତ୍ପାଦନ ୟୁନିଟ୍‌ର ଓଆଇସିଙ୍କ ଦ୍ୱାରା ପ୍ରଚଳନ କରାଯାଇଥିବା ନଥିପତ୍ର ଏବଂ ରେଜିଷ୍ଟର ଗୁଡ଼ିକୁ ଯାଞ୍ଚ କରିଥିଲା । ତିନୋଟି ଆଇଏମ୍‌ଏଫ୍‌ଏଲ[11] ଏବଂ ଗୋଟିଏ ବିୟର ଉତ୍ପାଦନ ୟୁନିଟର[12] ଗୋଦାମ ଘରେ ଜାନୁଆରୀ 2002 ରୁ ମାର୍ଚ୍ଚ 2020 ମଧ୍ୟରେ ବୋତଲୀକୃତ ହୋଇଥିବା 69,708.46 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 62,342.80 ବିଏଲ୍ ବିଅର ମାର୍ଚ୍ଚ 2021 ସୁଦ୍ଧା ଷ୍ଟକରେ ପଡ଼ି ରହିଥିଲା ।

ନିୟମ 99 (7) (b) ଅନୁଯାୟୀ, ଉତ୍ପାଦନ ୟୁନିଟ୍ ଉପରେ ଇଡି ଏବଂ ଜରିମାନା 6.33 କୋଟି ଟଙ୍କା[13] ଧାର୍ଯ୍ୟ ହେବାର ଥିଲା ଯାହା ଅଡିଟ୍ ହିସାବ କରିଥିଲା । ଏଥିମଧ୍ୟରୁ, ଦୁଇଟି ଉତ୍ପାଦନ ୟୁନିଟ୍[14] ଉପରେ 1.19 କୋଟି ଟଙ୍କା ଇଡି ଏବଂ ଜରିମାନା ଆରୋପିତ ହୋଇଥିଲା (21 ନଭେମ୍ବର 2012) । ଡିସେମ୍ବର 2013 ଏବଂ ଫେବୃଆରୀ 2014 ରେ ଏହି ଉଭୟ ୟୁନିଟ୍ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜରିମାନା ରାଶି ବିରୁଦ୍ଧରେ ଚ୍ୟାଲେଞ୍ଜ କରିଥିଲେ ଏବଂ ଜାନୁଆରୀ 2022 ସୁଦ୍ଧା ଏହି ମାମଲା ବିଚାରାଧିନ ଥିଲା । ଜାନୁଆରୀ 2022 ସୁଦ୍ଧା ଅନ୍ୟ ଦୁଇଟି ଉତ୍ପାଦନ ୟୁନିଟ୍ କ୍ଷେତ୍ରରେ କୌଣସି ଦାବି ବିଜ୍ଞପ୍ତି ଉତ୍ଥାପନ କରାଯାଇ ନଥିଲା । ଏହିପରି, ସମୟାତିକ୍ରାନ୍ତ ଆଇଏମ୍‌ଏଫ୍‌ଏଲ୍ ଓ ବିଅର ଉପରେ ଇଡି ଲାଗୁ କରିବାରେ ବିଫଳତା ହେତୁ 5.14 କୋଟି ଟଙ୍କା[15]ର ସରକାରୀ ରାଜସ୍ୱ ଅନାଦାୟ ରହିଥିଲା ।

ବିଭାଗ ବ୍ୟକ୍ତ କରିଥିଲେ ଯେ:

- ମେସର୍ସ କ୍ୱାଲିଟୀ ବଟ୍‌ଲିଙ୍ଗ୍ ଲିମିଟେଡ୍ କ୍ଷେତ୍ରରେ, ଇଡି ଆଦାୟ ପାଇଁ ଓ ରାସାୟନିକ ପରୀକ୍ଷା ସଞ୍ଚାଳନ ପରେ ମନୁଷ୍ୟ ବ୍ୟବହାର ପାଇଁ ଅନୁପଯୁକ୍ତ ମଦ ଉତ୍ପାଦଗୁଡ଼ିକୁ ନଷ୍ଟ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିଲା ।
- ମେସର୍ସ ମାଇକାଲ୍ ବ୍ରିୱେରିଜ୍ ଲିମିଟେଡ୍ କ୍ଷେତ୍ରରେ, ମାମଲାଟି ବିଚାରାଧିନ ଥିଲା ଯାହା ଅଡିଟ୍ ଦ୍ୱାରା ଦର୍ଶାଯାଇଥିଲା ଏବଂ ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାର ପାଇଁ ଚେଷ୍ଟା କରାଯାଉଥିଲା ।
- ମେସର୍ସ ଫର୍ଚୁନ୍ ସ୍ପିରିଟ୍ସ ଲିମିଟେଡ୍ କ୍ଷେତ୍ରରେ, ଅଡିଟ୍ ଦ୍ୱାରା ଦର୍ଶାଯିବା ଅନୁଯାୟୀ ଦେୟ ଜମା କରିବାକୁ ଦାବୀ ପତ୍ର ଜାରି କରାଯାଇଥିଲା (ଅପ୍ରେଲ 2022) ।

ମେସର୍ସ ୟୁନାଇଟେଡ୍ ସ୍ପିରିଟ୍ସ ଲିମିଟେଡ୍ ବାବଦରେ ଦିଆଯାଇଥିବା ସମୀକ୍ଷା ମନ୍ତବ୍ୟ ଉପରେ ବିଭାଗ ଜବାବ ପ୍ରଦାନ କରିନଥିଲେ ।

[11] ମେସର୍ସ ଫର୍ଚୁନ୍ ସ୍ପିରିଟ୍ସ ଲିମିଟେଡ୍, ମେସର୍ସ କ୍ୱାଲିଟୀ ବଟଲିଙ୍ଗ୍ ଲିମିଟେଡ୍ ଆଣ୍ଡ ମେସର୍ସ ୟୁନାଇଟେଡ୍ ସ୍ପିରିଟସ୍ ଲିମିଟେଡ୍

[12] ମେସର୍ସ ମାଇକାଲ୍ ବ୍ରିୱେରିଜ୍ ଲିମିଟେଡ୍

[13] ମେସର୍ସ ଫର୍ଚୁନ୍ ସ୍ପିରିଟ୍ସ ଲିମିଟେଡ୍ (3.08 କୋଟି ଟଙ୍କା), ମେସର୍ସ କ୍ୱାଲିଟୀ ବଟଲିଙ୍ଗ୍ ଲିମିଟେଡ୍ (0.80 କୋଟି ଟଙ୍କା), ମେସର୍ସ ୟୁନାଇଟେଡ୍ ସ୍ପିରିଟ୍ସ ଲିମିଟେଡ୍ (1.71 କୋଟି ଟଙ୍କା) ଏବଂ ମେସର୍ସ ମାଇକାଲ୍ ବ୍ରିୱେରିଜ୍ ଲିମିଟେଡ୍ (0.74 କୋଟି ଟଙ୍କା)

[14] ମେସର୍ସ କ୍ୱାଲିଟୀ ବଟଲିଙ୍ଗ୍ ଲିମିଟେଡ୍ (0.47 କୋଟି ଟଙ୍କା) ଏବଂ ମେସର୍ସ ମାଇକାଲ୍ ବ୍ରିୱେରିଜ୍ ଲିମିଟେଡ୍ (0.72 କୋଟି ଟଙ୍କା)

[15] ବିଚାରାଧୀନ ହେତୁ ଇଡି ଓ ଜରିମାନା 1.19 କୋଟି ଟଙ୍କାକୁ ବିଚାରକୁ ନିଆଯାଇ ନାହିଁ

### *2.3.5 ଉତ୍ପାଦନ ୟୁନିଟ୍ ଗୁଡ଼ିକରୁ ମଦ ଦ୍ରବ୍ୟର ଅନଧିକୃତ ପ୍ରେରଣ*

ନିୟମ 39 ଅନୁଯାୟୀ, (କ) ବଣ୍ଡ ଅଧିନରେ ଆମଦାନୀ ହେଉ କିମ୍ବା ନ ହେଉ ଏବଂ ଗୋଦାମରେ ଗଛିତ ସ୍ପିରିଟ୍; (ଖ) ଗୋଦାମ ଘରେ ଗଛିତ ବିଦେଶୀ ମଦ; (ଗ) ପାତନଶାଳାରେ ପ୍ରସ୍ତୁତ ଆଇଏମ୍‌ଏଫ୍‌ଏଲ୍ କିମ୍ବା ଦେଶୀ ମଦ ଏବଂ ପାତନଶାଳା କିମ୍ବା ଗୋଦାମ ଘରେ ଗଛିତ, ଉପରେ ଅବକାରୀ ଶୁଳ୍କ ଆରୋପଣ କରାଯାଏ । ଆହୁରି ମଧ, ନିୟମ 40 ଅନୁଯାୟୀ ଏକ ପାତନଶାଳା କିମ୍ବା ଗୋଦାମ ଘରୁ ଆଇଏମ୍‌ଏଫ୍‌ଏଲ୍ କିମ୍ବା ବିଅର ଅପସାରଣ ପୂର୍ବରୁ ଅବକାରୀ ଶୁଳ୍କ ଦେବାକୁ ପଡ଼ିବ । ନିୟମ 98 ଧାର୍ଯ୍ୟ କରେ ଯେ ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ମଞ୍ଜୁରୀ ପ୍ରାପ୍ତ ପାସ୍ ବିନା କୌଣସି ଆଇଏମ୍‌ଏଫ୍‌ଏଲ୍, ମଦ କିମ୍ବା ବିଅର ଗୋଦାମ କିମ୍ବା ଷ୍ଟୋର ଘରୁ ଅପସାରିତ କିମ୍ବା ବିକ୍ରୟ କରାଯିବ ନାହିଁ ।

ଅଡିଟ୍ ଲକ୍ଷ୍ୟ କଲା ଯେ ପରୀକ୍ଷା ଯାଞ୍ଚ ପାଇଁ ଚିହ୍ନଟ 11 ଟି ଉତ୍ପାଦନ ୟୁନିଟ୍ ମଧ୍ୟରୁ ଦୁଇଟି ୟୁନିଟ୍ 2017-21 ମଧ୍ୟରେ ଅବକାରୀ ଶୁଳ୍କ ନ ଦେଇ ମଦ ଦ୍ରବ୍ୟ ପଠାଇଥିଲା, ଯାହା ନିମ୍ନରେ ଦର୍ଶାଗଲା:

- ***ମେସର୍ସ ଶକ୍ତି ମାଲଟାର ଏବଂ ଲେମୋନେଡ୍ ପ୍ରାଇଭେଟ୍ ଲିମିଟେଡ୍, ଢେଙ୍କାନାଳ :*** ଏହା ଦେଖାଗଲା ଯେ 2019-20 ର 8,449.38 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍‌ର ଅନ୍ତିମ ଷ୍ଟକ୍ 2020-21 ର ପ୍ରାରମ୍ଭିକ ଷ୍ଟକ ଭାବରେ ନିଆଯାଇନାହିଁ । ଅଡିଟ୍‌ରେ ଦର୍ଶାଯିବା (13 ସେପ୍ଟେମ୍ବର 2021) ପରେ, ଅବକାରୀ ଅଧୀକ୍ଷକ, ଖୋର୍ଦ୍ଧାଙ୍କ ଦ୍ୱାରା ଜାରି କରାଯାଇଥିବା ଦୁଇଟି ପରମିଟ୍[16] ଆଧାରରେ ଏହି ପରିମାଣ ନଭେମ୍ବର 2020 ରେ ପଠାଯାଇଥିବା ଦର୍ଶାଯାଇଥିଲା । ତଥାପି, ଦେଖାଗଲା ଯେ 66.72 ଲକ୍ଷ ଟଙ୍କାର ଇଡି ଜମା କରାଯାଇ ନଥିଲା । ଅଧିକନ୍ତୁ, ଉକ୍ତ ପରମିଟ୍ ଗୁଡ଼ିକର ନକଲଗୁଡ଼ିକ ଉତ୍ପାଦନ ୟୁନିଟ୍ ଦ୍ୱାରା ଅଡିଟକୁ ପ୍ରଦାନ କରାଯାଇ ନଥିଲା । ଓଏସ୍‌ବିସିଏଲ୍‌ର ଡାଟାବେସରୁ ଅଡିଟ୍ ଜାଣିବାକୁ ପାଇଲା ଯେ ଏହି ପରମିଟ୍ ଗୁଡ଼ିକ 11 ନଭେମ୍ବର 2020 ରେ ଅନ୍ୟ ଏକ ଉତ୍ପାଦନ ୟୁନିଟ୍‌କୁ ଜାରି କରାଯାଇଥିଲା ।

  ଉପରୋକ୍ତ ବିଷୟରୁ ଏହା ସ୍ପଷ୍ଟ ହୋଇଛି ଯେ ଉତ୍ପାଦନ ୟୁନିଟ୍ ଆଇଏମ୍‌ଏଫ୍‌ଏଲ୍ ପଠାଇବା ସମୟରେ ବେଆଇନ୍ ଉପାୟ ଅବଲମ୍ବନ କରିଥିଲେ । ଉତ୍ପାଦନ ୟୁନିଟର ଅବକାରୀ ଓଆଇସି ପ୍ରେରଣ ଅପେକ୍ଷାରେ ଗୋଦାମ ଘରେ ଗଚ୍ଛିତ ଥିବା ଆଇଏମ୍‌ଏଫ୍‌ଏଲ୍ ଦ୍ରବ୍ୟ ଗୁଡ଼ିକର ରକ୍ଷକ । ଏହିପରି, ବିନା ପରମିଟରେ ଆଇଏମ୍‌ଏଫ୍‌ଏଲ୍ ପଠାଇବା, ଉତ୍ପାଦନ ୟୁନିଟର ଅବକାରୀ ଓଆଇସିଙ୍କର ଏଭଳି ଅନଧିକୃତ କାର୍ଯ୍ୟକଳାପ ଉପରେ ସମ୍ପୃକ୍ତ ଥିବାର ସନ୍ଦେହ ସୃଷ୍ଟିକରେ । ଅଡିଟ୍ ଦ୍ୱାରା ଏହା ଦର୍ଶାଯିବା ପରେ, ଉତ୍ପାଦନ ୟୁନିଟ୍ ଠାରୁ 66.72 ଲକ୍ଷ ଟଙ୍କାର ଇଡି ଏବଂ 22.80 ଲକ୍ଷ ଟଙ୍କାର ଜରିମାନା ଅସୁଲ କରାଯାଇଥିଲା (27 ସେପ୍ଟେମ୍ବର 2021 ଓ ମାର୍ଚ୍ଚ 2022) । ପ୍ରକୃତ କଥା ହେଲା ଯେ, ଇଡି ଜମା ନକରି, ପରମିଟ୍ ଜାରି ନହୋଇ ଆଇଏମ୍‌ଏଫ୍‌ଏଲ୍ ଉଠାଇବା ଆଇଏମ୍‌ଏଫ୍‌ଏଲ୍‌ର ଗତିବିଧିକୁ ନିୟନନ୍ତ୍ରଣ କରିବାରେ ଅଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀର ଅଭାବକୁ ସୂଚାଇଥାଏ ଏବଂ ଉତ୍ପାଦନ ୟୁନିଟର ଅବକାରୀ ଓଆଇସିଙ୍କ ସଂପୃକ୍ତିକୁ ମଧ ଦର୍ଶାଏ ।

- ***ମେସର୍ସ ତ୍ରିନାଥ ସ୍ମାର୍ଟ ପ୍ୟାକ୍ ପ୍ରାଇଭେଟ୍ ଲିମିଟେଡ୍:*** ମାର୍ଚ୍ଚ 2018 ରେ ଉତ୍ପାଦନ ୟୁନିଟ୍ ଛଅଟି ପରମିଟ୍[17] ଆଧାରରେ 1,08,372.6 ଏଲ୍‌ପିଏଲ୍ ଆଇଏମ୍‌ଏଫଏଲ୍ ପଠାଇଥିଲା, ଯଦିଓ କେବଳ 31,711.2 ଏଲ୍‌ପିଏଲ୍ ପରିବହନ ପାଇଁ ପରମିଟ୍ ଜାରି କରାଯାଇଥିଲା । ଯାହାହେଉ, କେବଳ 31,711.20 ଏଲ୍‌ପିଏଲ୍ ଅନୁମତି ପ୍ରାପ୍ତ ପରିମାଣ ଉପରେ ଇଡି ପ୍ରଦାନ କରାଯାଇଥିଲା । ଏହିପରି ଭାବରେ 76,661.40 ଏଲ୍‌ପିଏଲ୍ ଆଇଏମ୍‌ଏଫଏଲ୍ ବିନା ପରମିଟରେ ଏବଂ ଇଡି ଦେୟ ନକରି ବେଆଇନ୍ ଭାବରେ ପଠାଗଲା । ଅଡିଟ୍ ଯାଞ୍ଚରୁ ଜଣାଗଲା ଯେ, ଯଦିଓ ଉତ୍ପାଦନ ୟୁନିଟର ପ୍ରେରଣ ରେଜିଷ୍ଟରରେ ଛଅଟି ପରମିଟ୍ ବିପକ୍ଷରେ ପଠାଯାଇଥିବା ପ୍ରକୃତ ପରିମାଣ ଦର୍ଶାଯାଇଥିଲା ଏହା ଅନୁମତି ପ୍ରାପ୍ତ ପରିମାଣ ଠାରୁ ଅଧିକା ଥିଲା, ଅବକାରୀ ଓଆଇସି ଚାରୋଟି ଏଣ୍ଟ୍ରି ବିରୁଦ୍ଧରେ ସାକ୍ଷର କରିଥିଲେ ଏବଂ ଦୁଇଟି ବିଷୟରେ ଉତ୍ପାଦନ ଏବଂ ପ୍ରେରଣ ରେଜିଷ୍ଟରରେ ସାକ୍ଷର ରଖିନଥିଲେ । ଏହା ଉତ୍ପାଦନ ୟୁନିଟର ଅବକାରୀ ଓଆଇସିଙ୍କ ପକ୍ଷରେ ଅବହେଳା କିମ୍ବା ଇଚ୍ଛାକୃତ ସଂପୃତିକୁ ସୂଚାଉଥିଲା, ଯାହାଫଳରେ 3.35 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା ।

---

16 ପରମିଟ୍ ସଂଖ୍ୟା 5673/20-21 ଏବଂ 5674/20-21

17 ପରମିଟ୍ ସଂଖ୍ୟା 18832, 21403, 19620, 19621, 19733 ଓ 21382

ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ମାର୍ଚ୍ଚ 2018 ରେ ୟୁନିଟ୍‌ରୁ 30 ଟି ପରମିଟ୍ ବାବଦରେ 1,55,096.1 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ପ୍ରେରଣ କରାଯାଇଥିଲା, ତେଣୁ ସେଥିରେ ଅନିୟମିତତା ନଥିଲା । ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ଛଅଟି ପରମିଟ୍ ବିପକ୍ଷରେ ଅଧିକ ପ୍ରେରଣର ନିର୍ଦ୍ଦିଷ୍ଟ କାରଣ ଅଭାବରୁ ଉତ୍ତର ବିଶ୍ୱାସଯୋଗ୍ୟ ନଥିଲା । ଏହି ଛଅଟି ପରମିଟ୍ କ୍ଷେତ୍ରରେ, ଉତ୍ପାଦନ ଓ ପ୍ରେରଣ ରେଜିଷ୍ଟର୍‌ରେ ଉଲ୍ଲେଖ କରାଯାଇଥିବା ପରିମାଣ, ପ୍ରତି ମାମଲାରେ ଅନୁମତି ଦିଆଯାଇଥିବା ପରିମାଣ ଠାରୁ ଅଧିକ ଥିଲା ।

### *2.3.6 ଉତ୍ପାଦନକାରୀମାନଙ୍କ ଦ୍ୱାରା ଯୋଗାଣ କରାଯାଇଥିବା ମଦ ଓଏସ୍‌ବିସିଏଲ୍ ଦ୍ୱାରା ପ୍ରାପ୍ତ ନହେବା*

ଅଡିଟ୍, 2017-18 ରୁ 2020-21 ମଧ୍ୟରେ 11 ଟି ପରୀକ୍ଷା ଯାଞ୍ଚ ଉତ୍ପାଦନ ୟୁନିଟ୍‌ରେ ପରିଚାଳିତ ରେଜିଷ୍ଟର ଏବଂ ରେକର୍ଡଗୁଡ଼ିକର ସମୀକ୍ଷା କଲେ ଏବଂ ଲକ୍ଷ୍ୟ କଲେ ଯେ ଓଏସ୍‌ବିସିଏଲ୍ ଡିପୋରେ ପ୍ରାପ୍ତ ସାମଗ୍ରୀ, ଗୁଡ୍‌ସ୍ ରିସିଭ୍‌ଡ ନୋଟ୍ (ଜିଆରଏନ୍) ମାଧ୍ୟମରେ ରେକର୍ଡ କରାଯାଇଛି ଯାହା ଆଧାରରେ ଯୋଗାଣକାରୀମାନଙ୍କ ସହିତ କାରବାର ବ୍ୟବସ୍ଥିତ କରାଯାଇଛି । ଅଡିଟ୍ ଲକ୍ଷ୍ୟ କଲେ ଯେ ଖୋର୍ଦ୍ଧାର ଜଣେ ଉତ୍ପାଦନକାରୀ ମେସର୍ସ ତ୍ରିନାଥ ସ୍ମାର୍ଟ ପ୍ୟାକ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା 20 ଡିସେମ୍ବର 2018 ରେ ଓଏସ୍‌ବିସିଏଲ୍‌କୁ ଯୋଗାଣ କରାଯାଇଥିବା 5,629.50 ଏଲ୍‌ପିଏଲ୍ ମଦକୁ ପରିବହନ କରିଥିବା ଯାନଟି ପରିବହନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା, ତେଣୁ ଏହା ଓଏମ୍‌ବିସିଏଲ୍ ଦ୍ୱାରା ପ୍ରାପ୍ତ ହୋଇନଥିଲା । ତଥାପି, ଓଏସ୍‌ବିସିଏଲ୍ ଦ୍ୱାରା ବାରମ୍ବାର ସ୍ମାରକ ପତ୍ର ପ୍ରଦାନ ସତ୍ତ୍ୱେ ଦୁର୍ଘଟଣା ସପକ୍ଷରେ ଉତ୍ପାଦନ ୟୁନିଟ୍ ପୋଲିସ୍ ନିକଟରେ ଦାୟର କରିଥିବା ଏଫ୍‌ଆଇଆରର ଏକ ନକଲ ପ୍ରଦାନ କରିନଥିଲେ । ମେସର୍ସ ୟୁନାଇଟେଡ୍ ବ୍ରିୱେରିଜ୍ ଲିମିଟେଡ୍ (ୟୁବିଏଲ୍), ନଦିଆ ଦ୍ୱାରା, ଡେସ୍‌ପାଚ୍ ସଂଖ୍ୟା 4552 ତାରିଖ 28 ମଇ 2018[18] ଅଧିନରେ 9,360 ବିଏଲ୍ ବିଅରର ଅନ୍ୟ ଏକ ଯୋଗାଣ ଓଏସ୍‌ବିସିଏଲ୍ ଡିପୋରେ ଅକ୍ଟୋବର 2021 ଅର୍ଥାତ୍ 40 ମାସର ବ୍ୟବଧାନ ପରେ ମଧ୍ୟ ପ୍ରାପ୍ତ ହୋଇନଥିଲା ।

ଯୋଗାଇ ଦିଆଯାଇଥିବା ଆଡେସିଭ୍ ଲେବଲ୍‌ଯୁକ୍ତ ମଦ ବୋତଲ ଗୁଡ଼ିକ ପ୍ରାପ୍ତ ନହେବାର କାରଣ ଗୁଡ଼ିକର ଅନୁପସ୍ଥିତିରେ ଅନୁମୋଦିତ ଯୋଗାଣ ଶୃଙ୍ଖଳ ମାର୍ଗକୁ ଏଡ଼ାଇ ଏହି ମଦ ଷ୍ଟକ ଗୁଡ଼ିକର ବେଆଇନ୍ ବିକ୍ରିକୁ ଏଡ଼ାଇ ଦିଆଯାଇ ନପାରେ । ଏହା ମଧ୍ୟ ଏକ ବ୍ୟବସ୍ଥିତ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅଭାବକୁ ସୂଚାଇଥାଏ । ଉତ୍ପାଦନ ୟୁନିଟରୁ ପଠାଯାଇଥିବା ବୋତଲ/ କ୍ୟାନ୍ ପରିମାଣ ଏବଂ ଓଏସ୍‌ବିସିଏଲ୍ ଡିପୋରେ ପ୍ରାପ୍ତ ବୋତଲ/ କ୍ୟାନ୍ ପରିମାଣ ମଧ୍ୟରେ କୌଣସି ସମୟାନୁଭିତ୍ତିକ ସହମତିକରଣ କରାଯାଇ ନଥିଲା । ଓଡ଼ିଶା ଅବକାରୀ ନିୟମର ନିୟମ-158 ଅଧିନରେ, ଉତ୍ପାଦନ ଠାରୁ ଖୁଚୁରା କେନ୍ଦ୍ର ପର୍ଯ୍ୟନ୍ତ ଇଏଏଲ୍ ହିସାବକୁ ଜାରି ରଖିବା ପାଇଁ ଏହିପରି ଏକ ବ୍ୟବସ୍ଥିତ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଧାର୍ଯ୍ୟ କରାଯାଇଥିଲା । ଏହିପରି, ନିୟମ 158 ର ବ୍ୟବସ୍ଥାଗୁଡ଼ିକର ବସ୍ତୁଗତ ଏବଂ ମହତ୍ତ୍ୱପୂର୍ଣ୍ଣ ଭାବରେ ଅନନୁପାଳନ କରାଯାଇନଥିଲା ।

ଉତ୍ତରରେ ବିଭାଗ, ମେସର୍ସ ତ୍ରିନାଥ ସ୍ମାର୍ଟ ପ୍ୟାକ୍ ଲିମିଟେଡ୍ କ୍ଷେତ୍ରରେ ହୋଇଥିବା ଦୁର୍ଘଟଣା ସମ୍ପର୍କରେ ଥାନାରେ ଦାୟର କରାଯାଇଥିବା ଏଫ୍‌ଆଇଆରର ଏକ ନକଲ ପ୍ରଦାନ କରିଥିଲେ (ଅପ୍ରେଲ 2022) । ମେସର୍ସ ୟୁବିଏଲ୍ ସପକ୍ଷରେ ପ୍ରଦାନ କରାଯାଇଥିବା ପରମିଟ୍ ରଦ୍ଦ କରିବାକୁ ଓଏସ୍‌ବିସିଏଲ୍‌କୁ ଅନୁରୋଧ କରାଯାଇଥିବା (4 ଡିସେମ୍ବର 2018) ବିଷୟ (ପରମିଟ୍ ରଦ୍ଦ କରାଯାଇଥିବା କଥା ସ୍ପଷ୍ଟ କରାଯାଇନଥିଲା) ମଧ୍ୟ ବିଭାଗ ବ୍ୟକ୍ତ କରିଥିଲେ । ଛଅ ମାସ ପୂର୍ବରୁ ଅର୍ଥାତ୍ ମଇ 2018 ରେ ପ୍ରେରିତ ସାମଗ୍ରୀ ସମ୍ପର୍କିତ ପରମିଟ୍‌କୁ ଡିସେମ୍ବର 2018 ରେ ରଦ୍ଦ କରିବା ପାଇଁ ଚେଷ୍ଟାକରାଯିବାରୁ କୌଣସି ଉଦ୍ଦେଶ୍ୟ ସାଧିତ ହୋଇନଥିବା ହେତୁ ଉତ୍ତର ବିଶ୍ୱାସଯୋଗ୍ୟ ହୋଇନଥିଲା ।

### *2.3.7 ଅନ୍ୟ ରାଜ୍ୟରୁ ପ୍ରାପ୍ତ ଇଭିସିଗୁଡ଼ିକୁ ବୈଧ କରିବାକୁ ଇଭିସି/ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅନୁପସ୍ଥିତି*

ଆମଦାନୀ କରୁଥିବା ରାଜ୍ୟର କ୍ଷମତା ପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ରପ୍ତାନୀ ବିକ୍ରୟ ଉପରେ ଅବକାରୀ ଶୁଳ୍କ ଧାର୍ଯ୍ୟ କରାଯାଏ । ଓଡ଼ିଶା ଅବକାରୀ ନିୟମ 2017 ର ନିୟମ 10 ଏବଂ ଓଏସ୍‌ବିସିଏଲ୍‌ର ଯୋଗାଣ ଶୃଙ୍ଖଳ ପରିଚାଳନା

[18] ପର୍‌ମିଟ୍ ସଂଖ୍ୟା 4175 ତାରିଖ 19 ମଇ 2018

ନୀତି 2020 ର ପ୍ରୋଭିଜୋ 25.3 ରୁ 25.6 ଅନୁଯାୟୀ, ରାଜ୍ୟ ବାହାରେ ଆଇଏମ୍‌ଏଫ୍‌ଏଲ୍/ ବିଅର ବିକ୍ରୟ ପାଇଁ ଓଏସ୍‌ବିସିଏଲ୍ ଠାରୁ କୌଣସି ଆପତ୍ତି ନଥିବା ପ୍ରମାଣପତ୍ର (ଏନ୍‌ଓସି) ହାସଲ କରିବାକୁ ପଡ଼ିବ । ଏନ୍‌ଓସି ପାଇବା ପରେ ରପ୍ତାନିକାରୀଙ୍କୁ ବିଅର ରପ୍ତାନି ନିମନ୍ତେ ଅନୁମତି ପାଇବା ପାଇଁ ଆମଦାନୀ କରୁଥିବା ରାଜ୍ୟର ଅବକାରୀ/ କର୍ତ୍ତୃପକ୍ଷଙ୍କ ନିକଟରେ ଅବକାରୀ ଶୁଳ୍କ ଜମା କରିବାକୁ ପଡ଼ିବ । ରପ୍ତାନିକାରୀ, ଆମଦାନୀ କରୁଥିବା ରାଜ୍ୟର ଅବକାରୀ କର୍ତ୍ତୃପକ୍ଷଙ୍କ ଠାରୁ ଅବକାରୀ ପର୍ଯ୍ୟବେକ୍ଷଣ ପ୍ରମାଣପତ୍ର (ଇଭିସି) ଆକାରରେ ଆମଦାନୀ କରୁଥିବା ରାଜ୍ୟରେ ଷ୍ଟକ୍ ଗ୍ରହଣର ପ୍ରାପ୍ତିସ୍ୱୀକାର ହାସଲ କରିବାକୁ ପଡ଼ିବ । ଇଭିସି ସଂପୃକ୍ତ ରପ୍ତାନି ୟୁନିଟର ଅବକାରୀ ଓଆଇସିରେ ଦାଖଲ ହେବ । ଆହୁରି ମଧ୍ୟ, ଯୋଗାଣ ଶୃଙ୍ଖଳ ପରିଚାଳନା ନୀତିର ପ୍ରୋଭିଜୋ 25.7 ଅନୁଯାୟୀ, ଉତ୍ପାଦକ/ ଯୋଗାଣକାରୀଙ୍କୁ ରପ୍ତାନି ବିକ୍ରୟ ପାଇଁ ଏନ୍‌ଓସି ପାଇବାକୁ ଯୋଗ୍ୟ ହେବା ପାଇଁ ସଂପୃକ୍ତ ଅବକାରୀ ଓଆଇସି ଦ୍ୱାରା ପ୍ରମାଣିତ ପୂର୍ବ ରପ୍ତାନି ହୋଇଥିବା ସାମଗ୍ରୀର ଇଭିସିର ଏକ ନକଲ ଦାଖଲ କରିବାକୁ ପଡ଼ିବ ।

ଅଡିଟ୍, 2017-18 ରୁ 2020-21 ମଧ୍ୟରେ 11 ଟି ପରୀକ୍ଷା ଯାଞ୍ଚ ଉତ୍ପାଦନ ୟୁନିଟ୍ ମଧ୍ୟରୁ ଚାରିଟିରେ[19] 851 ରପ୍ତାନି ବିକ୍ରୟ କାରବାରର ସମୀକ୍ଷା କରିଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ 42 ଟି କ୍ଷେତ୍ରରେ, ରପ୍ତାନି ଉତ୍ପାଦନ ୟୁନିଟର ଅବକାରୀ ଓଆଇସି ଦ୍ୱାରା ଇଭିସି ଗ୍ରହଣ କରାଯାଇନଥିଲା । ଆହୁରି ମଧ୍ୟ, 42 ଟି ମାମଲା ମଧ୍ୟରୁ 34 ଟିରେ, ରପ୍ତାନି ମଦ ପରିମାଣ ନଥିରେ ମଧ୍ୟ ଉପଲବ୍ଧ ନଥିଲା । ଅବଶିଷ୍ଟ ଆଠଟି ମାମଲାରେ, 77,640 ବିଏଲ୍ ବିଅର ପାଞ୍ଚଟି ରାଜ୍ୟକୁ[20] ରପ୍ତାନି ହୋଇଥିବା ଜଣାପଡ଼ିଥିଲା ।

ଏହା ଦେଖାଗଲା ଯେ, ଆସାମକୁ 10,200 ବିଏଲ୍ ବିଅର ରପ୍ତାନୀ ପାଇଁ ୟୁନାଇଟେଡ୍ ବ୍ରିୱେରିଜ୍ ପ୍ରା. ଲିମିଟେଡ୍, ଖୋର୍ଦ୍ଧାକୁ ଓଏସ୍‌ବିସିଏଲ୍ ଦ୍ୱାରା 7 ନଭେମ୍ବର 2021 ରେ ଅନୁମତି ଦିଆଯାଇଥିଲା । ରପ୍ତାନିକାରୀ ଇଭିସି ଦାଖଲ କରିନଥିଲେ । ଏହି ରପ୍ତାନି ବିକ୍ରୟ ପାଇଁ ଇଭିସି ଦାଖଲ ନକରିବା ସତ୍ତ୍ୱେ ଓଏସ୍‌ବିସିଏଲ୍, ପରବର୍ତ୍ତୀ ସମୟରେ 31 ମାର୍ଚ୍ଚ 2021 ରେ 14,400 ବିଏଲ୍ ବିଅର ରପ୍ତାନି ବିକ୍ରୟ ପାଇଁ ଏନ୍‌ଓସି ଜାରି କରିଥିଲା । ସେହିଭଳି, ପୂର୍ବର ରପ୍ତାନି ବିକ୍ରୟ ପାଇଁ ଇଭିସି ଦାଖଲ କରିନଥିବା ଅନ୍ୟ ଦୁଇ ଯୋଗାଣକାରୀଙ୍କୁ ଓଏସ୍‌ବିସିଏଲ୍ ଏନ୍‌ଓସି ପ୍ରଦାନ କରିଥିଲା ।

ତେଣୁ, ପୂର୍ବ ରପ୍ତାନି ବିକ୍ରୟ ସମ୍ବନ୍ଧରେ ଇଭିସି ଦାଖଲ ନକରି, ଓଏସ୍‌ବିସିଏଲ୍ ଯୋଗାଣ ଶୃଙ୍ଖଳ ପରିଚାଳନା ନୀତି, 2020 ରେ ଦିଆଯାଇଥିବା ନିୟମାବଳୀର ଉଲ୍ଲଙ୍ଘନ କରିଥିଲା । ଯେହେତୁ ବୋତଲଗୁଡ଼ିକରେ ଇଏଏଲ୍ ସଂଲଗ୍ନ କରାଯାଇଥିଲା ଏବଂ ପ୍ରକୃତ ରପ୍ତାନି ପାଇଁ ଇଭିସିର କୌଣସି ପ୍ରମାଣ ନଥିଲା, ଏହି ମଦ ଷ୍ଟକ୍ ଅନ୍ୟ ରାଜ୍ୟକୁ ରପ୍ତାନି ହେବା ପରିବର୍ତ୍ତେ ରାଜ୍ୟ ମଧ୍ୟରେ ବିକ୍ରି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

ବିଭାଗ ବ୍ୟକ୍ତ କରିଥିଲେ (ଅପ୍ରେଲ 2022) ଯେ ଓଏସ୍‌ବିସିଏଲ୍ ଦ୍ୱାରା ଜାରି କରାଯାଇଥିବା ଏନ୍‌ଓସି ଆଧାରରେ ଜିଲ୍ଲା ଅବକାରୀ କାର୍ଯ୍ୟାଳୟଗୁଡ଼ିକ ଦ୍ୱାରା ପାସ୍ ଗୁଡ଼ିକୁ ପ୍ରଦାନ କରାଯାଇଥିଲା ଏବଂ କୋଭିଡ୍-19 ସମ୍ପର୍କିତ ପ୍ରତିବନ୍ଧକ ହେତୁ କେତେକ ଇଭିସି ପ୍ରାପ୍ତ କରାଯାଇନଥିଲା । ଓଏସ୍‌ବିସିଏଲ୍ ବ୍ୟକ୍ତ କରିଥିଲେ (ମାର୍ଚ୍ଚ 2022), କମ୍ପାନୀ ଦ୍ୱାରା ନିଯୁକ୍ତ ପରାମର୍ଶଦାତାଙ୍କ ଦ୍ୱାରା ଇଭିସିଗୁଡ଼ିକ ଯାଞ୍ଚ ହେଲା ପରେ ସମସ୍ତ ଏନ୍‌ଓସି ଜାରି କରାଯାଇଥିବା ବିଷୟ ପ୍ରମାଣିତ ହୋଇଥିବାର ଦସ୍ତାବିଜ ପ୍ରାପ୍ତ କରାଯାଇଥିଲା । ଓଏସ୍‌ବିସିଏଲ୍ ର ଧାରଣା ବିଶ୍ୱାସ ଯୋଗ୍ୟ ନଥିଲା କାରଣ ଗୋଟିଏ ଘଟଣାରେ ସଂପୃକ୍ତ ରପ୍ତାନୀ ୟୁନିଟରୁ[21] ଓଆଇସି ପୁଡୁଚେରୀକୁ ରପ୍ତାନୀ କରାଯାଇଥିବା ବିଅର ବିପକ୍ଷରେ ଇଭିସି ପ୍ରାପ୍ତ ହୋଇନଥିବା ବିଷୟ ଅଡିଟକୁ ଜଣାଇଥିଲେ (7 ଅପ୍ରେଲ 2022) ।

### *2.3.8 ପ୍ରକୃତ ମଦର ଉତ୍ପାଦନର ତଦାରଖ ନହେବା*

ଆଇଏମ୍‌ଏଫ୍‌ଏଲ୍ ଏବଂ ଦେଶୀ ମଦ ଉତ୍ପାଦନ ପାଇଁ ଇଏନ୍‌ଏ ହେଉଛି ପ୍ରାଥମିକ କଞ୍ଚାମାଲ । ***ଅନୁଚ୍ଛେଦ 2.3.2*** ଏବଂ ***2.3.3*** ର ଆଲୋଚନା ଅନୁଯାୟୀ, ଇଏନ୍‌ଏ ର ଗମନାଗମନ କ୍ଷତିର ପ୍ରକୃତ ପରିମାଣ ଏବଂ ବୁକ୍ ଷ୍ଟକ୍ ଠାରୁ

[19] ମେସର୍ସ ଡେନ୍‌ଜଙ୍ଗ୍ ବ୍ରିୱେରିଜ୍ ଲିମିଟେଡ୍, ମେସର୍ସ ୟୁନାଇଟେଡ୍ ବ୍ରିୱେରିଜ୍ ଲିମିଟେଡ୍, ମେସର୍ସ ତ୍ରିନାଥ ସ୍ମାର୍ଟ ପ୍ୟାକ୍ ଲିମିଟେଡ୍ ଏବଂ ମେସର୍ସ ମାଇକାଲ ବ୍ରିୱେରିଜ୍ ଲିମିଟେଡ୍

[20] ଆସାମ, ଅରୁଣାଚଳ ପ୍ରଦେଶ, ପୁଡୁଚେରୀ, ମହାରାଷ୍ଟ୍ର, ଝାଡ଼ଖଣ୍ଡ

[21] ମେସର୍ସ ଡେନ୍‌ଜଙ୍ଗ୍ ବ୍ରିୱେରିଜ୍ ଲିମିଟେଡ୍

ଅଧିକ ଇଏନ୍ଏର ଚିହ୍ନଟ କରିବାରେ ତ୍ରୁଟି ରହିଥିଲା । ଏହା ବ୍ୟତୀତ, ଅଡିଟ୍ ଆଇଏମ୍ଏଫ୍ଏଲ୍ ଏବଂ ଦେଶୀ ମଦ ଉତ୍ପାଦନରେ ଅସଂଖ୍ୟ ଇଏନ୍ଏର ବ୍ୟବହାରକୁ ମଧ୍ୟ ଲକ୍ଷ୍ୟ କରିଥିଲେ, ଯାହା ନିର୍ମାତାଙ୍କ ବିନା ଅନୁମତିରେ ଆଇଏମ୍ଏଫ୍ଏଲ୍ ପଠାଇବା ଏବଂ ଉତ୍ପାଦନକାରୀଙ୍କ ଦ୍ୱାରା ପଠାଯାଇଥିବା ଆଇଏମ୍ଏଫ୍ଏଲ୍ ପ୍ରାପ୍ତ ନହେବା ପରି ଘଟଣାରୁ ସ୍ପଷ୍ଟ ହୋଇଥିଲା ***(ଅନୁଚ୍ଛେଦ 2.3.6)*** । ଏହିପରି, ଇଏନ୍ଏର ବ୍ୟବହାର ଏବଂ ଆଇଏମ୍ଏଫ୍ଏଲ୍‌ର ପ୍ରକୃତ ପରିମାଣର ଉତ୍ପାଦନ ଉପରେ ନଜର ରଖିବା ପାଇଁ ତଦାରଖ ପ୍ରକ୍ରିୟା ଦକ୍ଷ ନଥିଲା । ଏହି ପରିପ୍ରେକ୍ଷୀରେ, ଅଡିଟ୍ ସମୟରେ ଲକ୍ଷ୍ୟ କରାଯାଇଥିବା ନିୟନ୍ତ୍ରଣଜନିତ ତ୍ରୁଟି ନିମ୍ନରେ ଆଲୋଚନା କରାଯାଇଛି:

ଓଡ଼ିଶା ଅବକାରୀ ଅଧିନିୟମ, 2017 ର ନିୟମ 71 (1) (a) ଓ 107 (1) ଅନୁଯାୟୀ, ପ୍ରତ୍ୟେକ ବିଅର ଉତ୍ପାଦନକାରୀ ୟୁନିଟ୍ ଉତ୍ପାଦିତ ବିୟର, ବିକ୍ରୀ ଓ ଷ୍ଟୋରରେ ରଖାଯାଇଥିବା ବିୟର ଏବଂ ବ୍ରିୱେରୀରେ ଧାର୍ଯ୍ୟ ଶୁଳ୍କର ପରିମାଣ ଦର୍ଶାଇବା ପାଇଁ ଯଥାକ୍ରମେ ଫର୍ମ XVI(a) ଓ ବ୍ରିଓ୍ୱିଙ୍ଗ୍ ବୁକ୍ (ଫର୍ମ XXII)ର ଏକ ରେଜିଷ୍ଟର ପ୍ରଚଳନ କରିବେ । ଆଇଏମ୍ଏଫ୍ଏଲ୍ ସମ୍ବନ୍ଧରେ, ଓଡ଼ିଶା ଅବକାରୀ ନିୟମରେ ସେପରି କୌଣସି ଫର୍ମାଟ୍ ଧାର୍ଯ୍ୟ କରାଯାଇନଥିଲା । ଓଡ଼ିଶା ଅବକାରୀ ନିୟମ, 2017 ର ନିୟମ 46 ଅନୁଯାୟୀ, ମଦ ଦ୍ରବ୍ୟର ଉତ୍ପାଦନର ପରିମାଣର ସତ୍ୟତା ଉପରେ ନିଶ୍ଚିତତା ପାଇବା ପାଇଁ ଅବକାରୀ ଅଫିସର ପ୍ରତ୍ୟେକ ଦିନର କାର୍ଯ୍ୟ ଶେଷରେ ଏହିପରି ରେଜିଷ୍ଟରଗୁଡ଼ିକୁ ଯାଞ୍ଚ କରିବେ ଏବଂ ତାଙ୍କ ଉପର ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ପାଇଁ ସେଗୁଡିକୁ ପ୍ରଦାନ କରିବେ ।

ଅଡିଟ୍ 2017-18 ରୁ 2020-21 ମଧ୍ୟରେ 11 ଟି ପରୀକ୍ଷା ଯାଞ୍ଚ ଉତ୍ପାଦନ ୟୁନିଟ୍ (ବିୟର: 4 ଏବଂ ଆଇଏମ୍ଏଫ୍ଏଲ୍: 7) ରେ ପ୍ରଚଳନ କରାଯାଉଥିବା ରେଜିଷ୍ଟର ଏବଂ ରେକର୍ଡଗୁଡ଼ିକର ସମୀକ୍ଷା କରିଥିଲା ଏବଂ ନିମ୍ନ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲେ:

- ସମସ୍ତ 11 ଟି ଉତ୍ପାଦନ ୟୁନିଟରେ, ଉତ୍ପାଦନ ୟୁନିଟ୍ ଗୁଡ଼ିକ ପ୍ରଦାନ କରିଥିବା ଉତ୍ପାଦନ ପରିମାଣକୁ ବିନା ଯାଞ୍ଚରେ ସଂପୃକ୍ତ ଅବକାରୀ ଓଆଇସି ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଉତ୍ପାଦନ ୟୁନିଟ୍ ସହିତ ଜଣେ ପୂର୍ଣ୍ଣକାଳୀନ ଅବକାରୀ ଓଆଇସି ସଂଯୁକ୍ତ ନହେବା, ପ୍ରକୃତ ଉତ୍ପାଦନ ପରିମାଣ ଯାଞ୍ଚ ନହେବାର ପ୍ରମୁଖ କାରଣ ଥିଲା । ଉତ୍ପାଦନ ଉପରେ ନଜର ରଖିବା ପାଇଁ ମାନବ ସମ୍ବଳର ସ୍ୱଳ୍ପତା ବିଷୟରେ ଦିଆଯାଇଥିବା ମନ୍ତବ୍ୟ ***ଅନୁଚ୍ଛେଦ 2.6.1*** ରେ ଆଲୋଚନା କରାଯାଇଛି ।

- ସମସ୍ତ 11 ଟି ୟୁନିଟ୍‌ରେ ମାନବ ସମ୍ବଳର ସ୍ୱଳ୍ପତା ଓ ପୂର୍ଣ୍ଣକାଳୀନ ଅଧିକାରୀ ନିୟୋଜିତ ନହେବା ହେତୁ ଉତ୍ପାଦନରେ ପ୍ରମାଣୀକରଣ, ପରିଚାଳନା ଦ୍ୱାରା ପ୍ରଦାନ କରାଯାଇଥିବା ପରିମାଣ ଆଧାରରେ କରାଯାଇଥିଲା । ଉତ୍ପାଦନ ସଂପର୍କିତ ବିସ୍ତୃତ ତଥ୍ୟ ଗୁଡ଼ିକ ମାନୁଆଲ ପଦ୍ଧତିରେ ଉତ୍ପାଦନ ରେଜିଷ୍ଟରରେ ଲେଖାଯାଇଥିଲା ଏବଂ ଅବକାରୀ ଓଆଇସିଙ୍କର ଉତ୍ପାଦନ ୟୁନିଟ୍‌ରେ ଉପସ୍ଥିତ ସମୟରେ ଅତିରିକ୍ତ କାର୍ଯ୍ୟ ସମ୍ପାଦନ ପରେ, ପ୍ରତ୍ୟେକ ଦିନ ଯାଞ୍ଚ ପାଇଁ ଦିଆଯାଉଥିବା ପେଟି/ବୋତଲ ସଂଖ୍ୟାର ବ୍ୟକ୍ତିଗତ ଅବଲୋକନ ଭିତ୍ତିରେ ଅବକାରୀ ଓଆଇସିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଉଥିଲା ।

ପୂର୍ଣ୍ଣକାଳୀନ ଅବକାରୀ ଓଆଇସିଙ୍କ ଅନୁପସ୍ଥିତିରେ, ପ୍ରକୃତ ପରିମାଣର ଉତ୍ପାଦନ ନିଶ୍ଚିତ କରିବା ପାଇଁ ସୀଷ୍ଟମ ପ୍ରସ୍ତୁତ ଉତ୍ପାଦନ ପରିମାଣ ବ୍ୟବସ୍ଥା ଉପରେ ଜୋର ଦିଆଯାଇ ନଥିଲା । 11 ଟି ମଧ୍ୟରୁ କେବଳ ଗୋଟିଏ ଉତ୍ପାଦନ ୟୁନିଟ୍[22] ସଂପୃକ୍ତ ଓଆଇସିଙ୍କୁ ସୀଷ୍ଟମ ପ୍ରସ୍ତୁତ ଉତ୍ପାଦନ ପରିମାଣ ଉପଲବ୍ଧ କରାଇଥିଲେ ।

ଉପର ଆଲୋଚନା ଦୃଷ୍ଟିରୁ ପ୍ରତିବେଦିତ ଉତ୍ପାଦନ ପରିମାଣ ଓ ଉତ୍ପାଦନ ରେଜିଷ୍ଟରରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ପରିମାଣକୁ ସଠିକ୍ ଥିବା ଓ କମ୍ ପରିମାଣ ଦର୍ଶାଯାଇନଥିବା ବିଷୟରେ ଅଡିଟ୍ ନିଶ୍ଚିତତା ପ୍ରାପ୍ତ କରିବାରେ ଅକ୍ଷମ ହୋଇଥିଲେ ଯାହାଫଳରେ ଅବକାରୀ ଶୁଳ୍କ ଚୋରି ହୋଇଥାଏ ।

ବିଭାଗ ବ୍ୟକ୍ତ କରିଥିଲେ (ଅପ୍ରେଲ 2022) ଯେ ଉତ୍ପାଦନ ୟୁନିଟର ଗୋଦାମ ଓ ମୁଖ୍ୟ ପ୍ରବେଶ ପଥ ଭଳି କିଛି ବିଭାଗରେ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଥିଲା, କିନ୍ତୁ ବର୍ତ୍ତମାନ ଉତ୍ପାଦନ ଓ ବୋତଲୀକରଣ, ବ୍ଲେଣ୍ଡିଙ୍ଗ୍

[22] ମେସର୍ସ ୟୁନାଇଟେଡ୍ ବ୍ରିୱେରିଜ୍ ଲିମିଟେଡ୍, ଖୋର୍ଦ୍ଧା

ଭାଟ ବିଭାଗ, ଇଏନ୍ଏ ଖଲାସ ସ୍ଥଳ ଇତ୍ୟାଦିକୁ ପରିସରଭୁକ୍ତ କରିବା ପାଇଁ ସିସିଟିଭି କ୍ୟାମେରାଗୁଡ଼ିକ ସ୍ଥାପନ ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଗଲା (ଅପ୍ରେଲ 2022) । ଅଧିକନ୍ତୁ, ପୂର୍ଣ୍ଣକାଳୀନ ଭାରପ୍ରାପ୍ତ ଅଧିକାରୀମାନଙ୍କୁ ପ୍ରତ୍ୟେକ ଉତ୍ପାଦନ ୟୁନିଟ୍‌ରେ ଅବସ୍ଥାପିତ କରାଯାଇଛି ଏବଂ ପ୍ରତ୍ୟେକ ୟୁନିଟରେ ଇଏନ୍ଏ ପ୍ରାପ୍ତିର ପରିମାଣ ଓ ହ୍ରାସ, ମିଶ୍ରଣ, ଅପଚୟ ଓ ଉତ୍ପାଦନ ପ୍ରକ୍ରିୟାର ତଦାରଖ ହେତୁ ଉତ୍ପାଦନ ରେଜିଷ୍ଟରରେ ହୋଇଥିବା ଏଣ୍ଟ୍ରିଗୁଡ଼ିକର ସଠିକତା ନିସନ୍ଦେହ ଥିଲା ।

ବିଭାଗର ଜବାବ ଯୁକ୍ତିଯୁକ୍ତ ନଥିଲା, ଯେହେତୁ:

- ଅବକାରୀ ବିଭାଗକୁ ପ୍ରତିବେଦନ କରାଯାଇଥିବା ଉତ୍ପାଦନ ପରିମାଣ ସହିତ ସୀଷ୍ଟମ ପ୍ରସ୍ତୁତ ଉତ୍ପାଦନ ପରିମାଣର ପ୍ରତିପରୀକ୍ଷାର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଗ୍ରହଣ କରାନଯିବାର କାରଣ ପ୍ରଦାନ କରାଯାଇ ନଥିଲା ।
- ୟୁନିଟ୍‌ରେ ଇଏନ୍ଏ ପରିମାଣ ଓ ଉତ୍ପାଦନ ପ୍ରକ୍ରିୟାର ମନିଟରିଂର ଫଳପ୍ରଦତାରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା ।
- ସମସ୍ତ ୟୁନିଟ୍ ସିସିଟିଭି କ୍ୟାମେରା ସ୍ଥାପନ କରିନଥିଲେ ଏବଂ ସେମାନଙ୍କୁ ଉତ୍ପାଦନ ଅଞ୍ଚଳକୁ ପରିସରଭୁକ୍ତ କରିବା ପାଇଁ ସିସିଟିଭି କ୍ୟାମେରା ସ୍ଥାପନା କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅପ୍ରେଲ 2022 ରେ ହିଁ ନିର୍ଦ୍ଦେଶ ଦିଆଯାଉଥିଲା ।
- ପ୍ରତି ଉତ୍ପାଦନ ୟୁନିଟ୍‌ରେ ପୂର୍ଣ୍ଣକାଳୀନ ଭାରପ୍ରାପ୍ତ ଅଧିକାରୀ ଅବସ୍ଥାପିତ କରିବାର ଆଦେଶ ସୂଚାଉଥିଲା ଯେ ଜିଲ୍ଲାରେ ଖାଲିଥିବା ପଦବୀ ଭିତ୍ତିରେ, ସେହି ଅଧିକାରୀମାନଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥାଇପାରେ ।

### *2.3.9 ଓଏସ୍‌ବିସିଏଲ୍ ଡିପୋରେ ଭଣ୍ଡାରଣ ଓ ଦସ୍ତାବିଜ ପ୍ରସ୍ତୁତି ନିୟନ୍ତ୍ରଣରେ ତ୍ରୁଟି*

ରାଜ୍ୟରେ ମଦ ଉତ୍ପାଦ ଗୁଡ଼ିକର ପ୍ରାପ୍ତି, ଭଣ୍ଡାରଣ ଓ ବିକ୍ରୀ ପାଇଁ ଓଏସ୍‌ବିସିଏଲ୍ ନଅଟି ଡିପୋ[23] ପରିଚାଳନା କରୁଥିଲେ । ଅଡିଟ୍ ତିନୋଟି ଡିପୋର (ଖୋର୍ଦ୍ଧା, ବ୍ରହ୍ମପୁର ଓ ବାଲେଶ୍ୱର) କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ ଓ ନିମ୍ନ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରିଥିଲେ:

***ସାରଣୀ 2.3: ଡିପୋ କାର୍ଯ୍ୟକାରିତାରେ ତ୍ରୁଟି***

| ତ୍ରୁଟିର ପ୍ରକାର | ତ୍ରୁଟିର ସଂକ୍ଷିପ୍ତ ବିବରଣୀ |
|---|---|
| ଭଙ୍ଗା, ଅବକ୍ଷେପଣ ଇତ୍ୟାଦି ପାଇଁ ମାନାଦର୍ଶ ଧାର୍ଯ୍ୟ ନହେବା | ଷ୍ଟକ୍‌ର ଭଣ୍ଡାରଣ ଓ ପରିବହନ ସମୟରେ ହେଉଥିବା ନଷ୍ଟ, ଅବକ୍ଷେପଣ ଓ ଚୋରୀ ପାଇଁ କମ୍ପାନୀ ଦ୍ୱାରା ମାନାଦର୍ଶ ଗ୍ରହଣ କରାଯାଇ ନଥିଲା । 16,394 କେସର ସ୍ୱଳ୍ପତା, 1.27 ଲକ୍ଷ କେସ୍‌ର ପରିବହନ ନଷ୍ଟ 2017-2021 ଅବଧିରେ ଉଲ୍ଲେଖ କରାଯାଇଥିଲା, ଯାହାର ରାଜସ୍ୱ ମୂଲ୍ୟ ଭିଏଟି ଓ ଟିସିଏସ୍ ବାବଦରେ 12.11 କୋଟି ଟଙ୍କା ଥିଲା ।<br>ରପ୍ତାନୀ ବିକ୍ରୀ ସମୟରେ 829.97 ଏଲ୍‌ପିଏଲ୍ ଆଇଏମ୍ଏଫ୍ଏଲ୍‌ଓ 17,196.96 ବିଏଲ୍ ବିୟର 2017-18 ଓ 2020-21 ମଧ୍ୟରେ ପରିବହନ ସମୟରେ ନଷ୍ଟ ହୋଇଥିବା ରିପୋର୍ଟ କରାଯାଇଥିଲା, ଯାହାର ଇଡି ଦେୟ 19.34 ଲକ୍ଷ ଟଙ୍କା ବୋଲି ଅଡିଟ୍ ହିସାବ କରିଥିଲେ । ଅପଚୟ ପାଇଁ ମାନାଦର୍ଶ ଅଭାବ ହେତୁ ସେଗୁଡ଼ିକୁ ଅନୁମତି ଦିଆଯାଇଥିଲା । |
| ଷ୍ଟକ୍ ପ୍ରାପ୍ତି ରେଜିଷ୍ଟରର ଅନୁପଯୁକ୍ତ ପ୍ରଚଳନ | ଷ୍ଟକ୍ ପ୍ରାପ୍ତି ସମ୍ବନ୍ଧୀୟ ପରମିଟ୍ ନମ୍ବର ଗୁଡ଼ିକର ଉଲ୍ଲେଖ ବିନା ଷ୍ଟକ୍ ପ୍ରାପ୍ତି ରେଜିଷ୍ଟର ପ୍ରଚଳନ କରାଯାଉଥିଲା । ଡିପୋ ସହାୟକଙ୍କ ଦ୍ୱାରା ପରିଚାଳିତ ରେଜିଷ୍ଟର ଶାଖା ପରିଚାଳକ କିମ୍ବା ଡିପୋ ସହକାରୀ ପରିଚାଳନ ଦ୍ୱାରା ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉ ନଥିଲା |
| ବୋତଲରେ ଲାଗିଥିବା ଇଏଲ୍ ଗୁଡ଼ିକର | ମଦ ଉତ୍ପାଦରେ ବ୍ୟାଚ୍ ନମ୍ବର ଇଏଲ୍ କ୍ରମିକ ସଂଖ୍ୟାଗୁଡ଼ିକ ଥାଇ ଲାଗିଥିବା ଅବକାରୀ ଆଡେସିଭ୍ ଲେବଲ୍‌ର ପ୍ରାମାଣିକତାର କୌଣସି ନମୁନା-ଆଧାରିତ ଯାଞ୍ଚର ଅନୁପସ୍ଥିତି, |

[23] ଅନୁଗୁଳ, ବାଲେଶ୍ୱର, ବ୍ରହ୍ମପୁର, ବଲାଙ୍ଗୀର, ଚଣ୍ଡିଖୋଲ, କଟକ, ଖୋର୍ଦ୍ଧା, ରାୟଗଡ଼ା ଓ ସମ୍ବଲପୁର

| ତ୍ରୁଟିର ପ୍ରକାର | ତ୍ରୁଟିର ସଂକ୍ଷିପ୍ତ ବିବରଣୀ |
|---|---|
| ପ୍ରାମାଣିକତାର ଯାଞ୍ଚ ନହେବା | ଲକ୍ଷ୍ୟ କରାଯାଇଥିଲା । ଡିପୋରେ ଗ୍ରହଣ କରାଯାଇଥିବା କେସ୍ ଗୁଡ଼ିକରେ ଥିବା ମଦ ଦ୍ରବ୍ୟର ଇଏଏଲ୍ ନମ୍ବର କେସ୍‌ରେ ଉଲ୍ଲେଖ କରାଯାଇ ନଥିଲା । |
| ଦିଆଯାଇଥିବା ଅନୁମତି ଏବଂ ଇଏଏଲ୍‌ର ତଦାରଖ ନହେବା | ଏକ ନିର୍ଦ୍ଦିଷ୍ଟ ବର୍ଷ ମଧ୍ୟରେ ସଂପୃକ୍ତ ଷ୍ଟକ୍ ଏଣ୍ଟ୍ରି ସହିତ ପ୍ରଦାନ କରାଯାଇଥିବା ଅନୁମତି ଏବଂ ଇଏଏଲ୍ ସଂଖ୍ୟା ଯାଞ୍ଚ କରିବାକୁ ଓଏସ୍‌ବିସିଏଲ୍‌ର କୌଣସି ବ୍ୟବସ୍ଥା ନଥିଲା ଯେ ଯୋଗାଣକାରୀଙ୍କ ପରିସରରୁ ପଠାଯାଇଥିବା ସମସ୍ତ ଇଏଏଲ୍ ସଂଲଗ୍ନ ମଦ ଦ୍ରବ୍ୟ ପ୍ରକୃତରେ ଡିପୋରେ ପହଞ୍ଚିଛି । |
| ଗଚ୍ଛିତ ମଦ ଚୋରି ଅଭିଯୋଗରେ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା | 2017-21 ମଧ୍ୟରେ ଚାରିଟି ଗୋଦାମ[24] (ରାୟଗଡ଼ା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର) ରେ 1.71 କୋଟି ଟଙ୍କା ମୂଲ୍ୟର ମଦ ଷ୍ଟକ୍ ଚୋରୀ ସମ୍ପର୍କିତ ମାମଲା ରିପୋର୍ଟ କରାଯାଇଥିଲା । କେବଳ ବାଲେଶ୍ୱର ଏବଂ ବ୍ରହ୍ମପୁର ଡିପୋ କ୍ଷେତ୍ରରେ ଏଫ୍‌ଆଇଆର ଦାୟର କରାଯାଇଥିଲା । ବାଲେଶ୍ୱର ଡିପୋ କ୍ଷେତ୍ରରେ 7.91 ଲକ୍ଷ ଟଙ୍କା ଚୋରୀର ମୂଲ୍ୟ ବିପକ୍ଷରେ 7.22 ଲକ୍ଷ ଟଙ୍କାର ବୀମା ଦାବି ହାସଲ କରାଯାଇଥିଲା । ବ୍ରହ୍ମପୁର ମାମଲାରେ, ଓଏସ୍‌ବିସିଏଲ୍‌ର କର୍ମଚାରୀମାନେ ଚୋରୀର ଅଭିଯୁକ୍ତ ଥିଲେ ଏବଂ ଜାନୁଆରୀ 2022 ସୁଦ୍ଧା ମାମଲା ବିଚାରାଧୀନ ଥିଲା ।<br>ରାୟଗଡ଼ା ଏବଂ ସମ୍ବଲପୁର ଡିପୋରେ କୌଣସି ଏଫ୍‌ଆଇଆର ଦାୟର କରାଯାଇ ନଥିଲା । ଏହା ଦେଖାଗଲା ଯେ, ଯଥାକ୍ରମେ 12.32 ଲକ୍ଷ ଟଙ୍କା ଚୋରୀ ମୂଲ୍ୟ ବିପକ୍ଷରେ 2.70 ଲକ୍ଷ ଟଙ୍କା 12.66 ଲକ୍ଷ ଟଙ୍କା ଚୋରୀ ମୂଲ୍ୟ ବିପକ୍ଷରେ 12.37 ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା । ଅଭିଯୁକ୍ତମାନଙ୍କ ମଧ୍ୟରେ ଓଏସ୍‌ବିସିଏଲ୍‌ର କର୍ମଚାରୀ ଅନ୍ତର୍ଭୁକ୍ତ ଥିଲେ । ଓଏସ୍‌ବିସିଏଲ୍‌ର କର୍ମଚାରୀଙ୍କ ସଂପୃକ୍ତି ସତ୍ତ୍ୱେ ଜାନୁଆରୀ 2022 ସୁଦ୍ଧା କୌଣସି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । |
| ବିୟର ଷ୍ଟକ୍ ପ୍ରାପ୍ତିରେ ବିଳମ୍ବ ପାଇଁ ଜରିମାନା ଧାର୍ଯ୍ୟ ନହେବା | ଓଏସ୍‌ବିସିଏଲ୍‌ର ଯୋଗାଣ ଶୃଙ୍ଖଳା ପରିଚାଳନା ନୀତିର ପ୍ରୋଭିଜୋ 14.1 ଅନୁଯାୟୀ, ରାଜ୍ୟ ଭିତରୁ ସଂଗୃହୀତ ବିୟର କ୍ଷେତ୍ରରେ, ଯଦି ଏହା ଉତ୍ପାଦନ ତାରିଖ ଠାରୁ 60 ଦିନ ପରେ ଏବଂ ରାଜ୍ୟ ବାହାରୁ ସଂଗ୍ରହ କ୍ଷେତ୍ରରେ 75 ଦିନ ପରେ ପ୍ରାପ୍ତ ହୁଏ ପ୍ରସ୍ତାବିତ ମୂଲ୍ୟର 50 ପ୍ରତିଶତ ହାରରେ ଜରିମାନା ଧାର୍ଯ୍ୟ କରାଯିବ ।<br>2017-21 ଅବଧିରେ ବିୟର ବିତରଣରେ ବିଳମ୍ବଜନିତ ଜରିମାନା 5.79 କୋଟି ଟଙ୍କା ହିସାବ କରାଯାଇଥିଲା । ଏହା ବିପକ୍ଷରେ, ଜରିମାନାର ଭୁଲ୍ ହିସାବ ହେତୁ 4.08 କୋଟି ଟଙ୍କା ଧାର୍ଯ୍ୟ ଓ ଆଦାୟ କରାଯାଇଥିଲା । ଏହିପରି, 1.71 କୋଟି ଟଙ୍କାର ଜରିମାନା ଅନାଦାୟ ରହିଥିଲା । |
| ଆନ୍ତ-ଡିପୋ ସ୍ଥାନାନ୍ତର ପରିମାଣର ସହମତିକରଣ କରାନଯିବା | ଯୋଗାଣ ଶୃଙ୍ଖଳ ପରିଚାଳନା ନୀତି, 2020 ର ପ୍ରୋଭିଜୋ 17 ଅନୁଯାୟୀ, ଓଏସ୍‌ବିସିଏଲ୍ ଦ୍ୱାରା କିମ୍ବା ସଂପୃକ୍ତ ଉତ୍ପାଦନକାରୀ/ ଯୋଗାଣକାରୀଙ୍କ ଅନୁରୋଧ ଆଧାରରେ ବିଭିନ୍ନ ସ୍ଥାନରେ ଷ୍ଟକ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଦ ଷ୍ଟକ୍‌ର ଆନ୍ତ ଡିପୋ ସ୍ଥାନାନ୍ତର କରାଯାଇପାରିବ । ନୀତି ଆହୁରି ମଧ୍ୟ ଧାର୍ଯ୍ୟ କରିଛି ଯେ ଉତ୍ସ ଡିପୋର ଅବକାରୀ ଓଆଇସି ପ୍ରେରଣ ଅନୁମତି ପ୍ରଦାନ କରିବ ଏବଂ ପ୍ରାପ୍ତି ଡିପୋର ଅବକାରୀ ଓଆଇସି ପ୍ରାପ୍ତ ଷ୍ଟକ୍ ଉପରେ ଇଭିସି ପ୍ରଦାନ କରିବେ ।<br>2017-20 ଅବଧିରେ, 10,939.52 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 1,28,550 ବିଏଲ୍ ବିଅର ସ୍ଥାନାନ୍ତର ପାଇଁ 51 ଟି ଆନ୍ତ-ଡିପୋ ଅନୁମତି ପ୍ରଦାନ କରାଯାଇଥିଲା । ଅବଶ୍ୟ, 31 ଡିସେମ୍ବର 2021 ସୁଦ୍ଧା ଅନୁମତି ପ୍ରଦାନ ତାରିଖ ଠାରୁ 22 ରୁ 57 ମାସ ବିତିଯିବା ପରେ ମଧ୍ୟ ଗନ୍ତବ୍ୟ ସ୍ଥଳ ଡିପୋରେ ଷ୍ଟକ୍ ପ୍ରାପ୍ତ ହେବାର କୌଣସି ନିଶ୍ଚିତତା |

[24] ରାୟଗଡ଼ା (12.32 ଲକ୍ଷ ଟଙ୍କା), ସମ୍ବଲପୁର (12.66 ଲକ୍ଷ ଟଙ୍କା), ବାଲେଶ୍ୱର (7.91 ଲକ୍ଷ ଟଙ୍କା) ଏବଂ ବ୍ରହ୍ମପୁର (138.56 ଲକ୍ଷ ଟଙ୍କା)

| ତ୍ରୁଟିର ପ୍ରକାର | ତ୍ରୁଟିର ସଂକ୍ଷିପ୍ତ ବିବରଣୀ |
|---|---|
| | ଇଭିସି ଆକାରରେ ପ୍ରାପ୍ତ କରାଯାଇ ନଥିଲା ***(ପରିଶିଷ୍ଟ 2.2)***। ଏହିପରି, ଅନୁମୋଦିତ ଯୋଗାଣ ଶୃଙ୍ଖଳ ମାର୍ଗ ମାଧ୍ୟମରେ ଉକ୍ତ ମଦ ଷ୍ଟକ୍ ବିକ୍ରୀ ହୋଇଛି କି ନାହିଁ ତାହା ଅଡିଟ୍‌ରେ ଜଣାପଡ଼ିନଥିଲା। |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ୟୁନିଟ୍ ଗୁଡ଼ିକର ରେକର୍ଡଗୁଡ଼ିକର ଅଡିଟ୍ ବିଶ୍ଳେଷଣ)***

ବିଭାଗ ଓଏସ୍‌ବିସିଏଲ୍‌ର ଉତ୍ତରକୁ ସମର୍ଥନ କରିଥିଲେ (ଅପ୍ରେଲ 2022), ଯାହା ବ୍ୟକ୍ତ କଲା (ମାର୍ଚ୍ଚ 2022) ଯେ:

- ପରିବହନ ଓ ଭଣ୍ଡାରଣ ସମୟରେ ଭଙ୍ଗାରୁଜା ପାଇଁ ମାନାଦର୍ଶ ଧାର୍ଯ୍ୟ କରିବାକୁ ଅବକାରୀ ବିଭାଗକୁ ଅନୁରୋଧ କରାଯାଇଥିଲା (ଜୁନ୍ 2015)।
- ଓଏସ୍‌ବିସିଏଲ୍ ଡିପୋରୁ ଅଧିକ ପରିମାଣର ମଦ ଉତ୍ପାଦନ ପ୍ରାପ୍ତ ଓ ପ୍ରେରଣ ହେଉଥିବା ହେତୁ ମାନୁଆଲ ପଦ୍ଧତିରେ ଷ୍ଟକ୍ ରେଜିଷ୍ଟର ଲେଖିବା କାର୍ଯ୍ୟତଃ ସମ୍ଭବ ହେଉନଥିଲା।
- ଡିପୋରେ ପ୍ରାପ୍ତ ଉତ୍ପାଦଗୁଡ଼ିକ ଉପରେ ଥିବା ଇଏଲ୍ ଗୁଡ଼ିକର ପ୍ରାମାଣିକତା ଯାଞ୍ଚ କରିବାକୁ କୌଣସି ଅଲଗା ରେକର୍ଡ ପ୍ରଚଳନ କରୁନଥିଲେ, ଯେହେତୁ ଏହା ଉତ୍ପାଦନ ୟୁନିଟ୍ ଓ ଓଏସ୍‌ବିସିଏଲ୍ ଡିପୋରେ ଅବସ୍ଥାପିତ ଅବକାରୀ ଅଧିକାରୀଙ୍କ ଦାୟିତ୍ୱ ଥିଲା।
- ଉତ୍ପାଦ ଗୁଡ଼ିକର ବିତରଣରେ ବିଳମ୍ବ କରିଥିବା ଯୋଗାଣକାରୀଙ୍କ ଠାରୁ ଜରିମାନା ଆଦାୟ ପାଇଁ ପଦକ୍ଷେପ ନିଆଯିବ।
- ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ଆନ୍ତ-ଡିପୋ ପରମିଟ୍ ସ୍ଥିତିର ସମୀକ୍ଷା ପାଇଁ ଦସ୍ତାବିଜ୍ ଗୁଡ଼ିକ ସଂଗ୍ରହ କରାଯାଉଥିଲା।

ବିଭାଗ ଠାରୁ ମିଳିଥିବା ଜବାବ ଯୁକ୍ତିସଙ୍ଗତ ନଥିଲା, ଯେହେତୁ ଏହା ନିମ୍ନ ବିଷୟ ନିମନ୍ତେ କେବଳ ସ୍କାନ୍ ଭିତ୍ତିକ ଅନୁସରଣ ଓ ଚିହ୍ନଟ ବ୍ୟବସ୍ଥା (ଇଏଲ୍/ ମଦ ଉତ୍ପାଦନ ପେଟି ଉପରେ ବାର-କୋଡର) ଗ୍ରହଣର ମହତ୍ୱ ଉପରେ ପ୍ରାଧାନ୍ୟ ଦେଇଥିଲେ:

- ଅଧିକ ପରିମାଣର ମଦ ଉତ୍ପାଦ ଦୃଷ୍ଟିରୁ ଓଏସ୍‌ବିସିଏଲ୍ ଡିପୋରେ ପ୍ରାପ୍ତ ଓ ପ୍ରେରଣର ବିସ୍ତୃତ ବିବରଣୀ ଇଏଲ୍ ସହିତ ସଫ୍ଟୱେୟାର ଆପ୍ଲିକେସନରେ ଭର୍ତ୍ତି ପାଇଁ।
- ନମୁନା ଆଧାରରେ ମଦ ଉତ୍ପାଦ ଉପରେ ଲାଗିଥିବା ଇଏଲ୍‌ର ପ୍ରାମାଣିକତାର ଯାଞ୍ଚ ସହିତ ଓଏସ୍‌ବିସିଏଲ୍ ଡିପୋ ମାଧ୍ୟମରେ କାରବାର ହେଉଥିବା ମଦ ଉତ୍ପାଦର ଷ୍ଟକ୍ ଗୁଡ଼ିକ କେବଳ ଶୁଳ୍କ ଦେୟ ବିଷୟକୁ ନିଶ୍ଚିତ କରିବା ପାଇଁ ଯାଞ୍ଚର ବିସ୍ତୃତ ବିବରଣୀ ଗଚ୍ଛିତ ରଖିବା ପାଇଁ।

## 2.4 ଅବକାରୀ ଆଡେସିଭ୍ ଲେବଲ୍‌ର ନିୟମାବଳୀ

ଉତ୍ପାଦନ/ ଯୋଗାଣକାରୀଙ୍କ ଠାରୁ ଖୁଚୁରା ବ୍ୟବସାୟୀ ପର୍ଯ୍ୟନ୍ତ ମଦ ଷ୍ଟକର ଗତିବିଧିକୁ ନିୟନ୍ତ୍ରଣ କରିବା ପାଇଁ ନିୟମ 158 ରେ ଆଇଏମ୍‌ଏଫ୍‌ଏଲ୍ ବିୟର ଏବଂ ଦେଶୀ ମଦ ବୋତଲରେ ଅବକାରୀ ଆଡେସିଭ୍ ଲେବଲ୍ (ଇଏଲ୍[25]) ଲଗାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ରାଜ୍ୟ ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ଡିଷ୍ଟିଲାରୀ, ବଟଲିଂ ପ୍ଲାଣ୍ଟ ଓ ବ୍ରିୱେରିଜ୍ ଗୁଡ଼ିକର ଡିଷ୍ଟିଲାରୀ ଅଧିକାରୀ କିମ୍ବା ଡିଷ୍ଟିଲାରୀ ଗୁଡ଼ିକର ଭାରପ୍ରାପ୍ତ ଅଧିକାରୀଙ୍କୁ ବିତରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ ଅବକାରୀ ଅଧିକାରୀଙ୍କ ସୁରକ୍ଷିତ ହେପାଜତରେ ଇଏଲ୍ ଗୁଡ଼ିକ ରଖାଯିବା କଥା ମଧ୍ୟ ନିୟମରେ ବ୍ୟବସ୍ଥିତ ହୋଇଛି। ରାଜ୍ୟ ବାହାରୁ ଆମଦାନୀ ହେଉଥିବା ମଦ ଉତ୍ପାଦ କ୍ଷେତ୍ରରେ, ଇଏଲ୍ ଗୁଡ଼ିକ ଓଏସ୍‌ବିସିଏଲ୍‌ର ପଞ୍ଜୀକୃତ କାର୍ଯ୍ୟାଳୟରେ ନିୟୋଜିତ ଜଣେ ଅବକାରୀ ଅଧିକାରୀଙ୍କ ପାଖରେ ରଖାଯିବ ଯିଏ ରାଜ୍ୟ ବାହାରେ ଯୋଗାଣକାରୀଙ୍କୁ ଇଏଲ୍ ବଣ୍ଟନ କରିବେ। ଉତ୍ପାଦନ ୟୁନିଟ୍ ଦାୟିତ୍ୱରେ ଥିବା ଅବକାରୀ ଓଆଇସି ଗ୍ରହଣ, ପ୍ରଦାନ, ବ୍ୟବହୃତ ଏବଂ ନଷ୍ଟ ହୋଇଥିବା ଇଏଲ୍ ଗୁଡ଼ିକର

[25] ଇଏଲ୍ ଅନନ୍ୟ କ୍ରମିକ ସଂଖ୍ୟା, 2 ଡି ବାରକୋଡ ଓ ରାଜ୍ୟ ଚିହ୍ନ ଭଳି ଉଚ୍ଚସ୍ତରୀୟ ସୁରକ୍ଷା ବୈଶିଷ୍ଟ୍ୟ ଥିବା ଏକ କାଗଜଭିତ୍ତିକ ହଲୋଗ୍ରାମ

ବିସ୍ତୃତ ଆକାଉଣ୍ଟ ରଖିବେ ଏବଂ ପ୍ରମାଣ କରିବେ ଯେ ବୋତଲ କିମ୍ବା ଅନ୍ୟାନ୍ୟ ପାତ୍ରରେ ଇଏଏଲ୍ ସଂଲଗ୍ନ ହୋଇଛି ଏବଂ ସିଲ୍ ହୋଇଥିବା ପେଟି କିମ୍ବା ପାତ୍ର ବାହାରେ ଇଏଏଲ୍ କ୍ରମିକ ସଂଖ୍ୟା ଲେଖିବାକୁ ବ୍ୟବସ୍ଥା କରିବେ । ନିୟମ ଆହୁରି ଧାର୍ଯ୍ୟ କରେ ଯେ ଇଏଏଲ୍ ଆକାଉଣ୍ଟକୁ ଏପରି ଢଙ୍ଗରେ ପ୍ରଚଳନ କରାଯିବ, ଯାହା ଉତ୍ପାଦନ ପଏଣ୍ଟରୁ ଖୁଚୁରା ପଏଣ୍ଟ ପର୍ଯ୍ୟନ୍ତ ବ୍ୟକ୍ତିଗତ ଇଏଏଲ୍ ଗୁଡ଼ିକୁ ଅନୁସରଣ କରିବାରେ ସୁବିଧା ପ୍ରଦାନ କରିବ ।

ସୁରକ୍ଷା ବୈଶିଷ୍ଟ୍ୟତା ଥିବା ସହିତ ହଲୋଗ୍ରାମ ଆଧାରିତ ଇଏଏଲ୍ ବ୍ୟବହାର କରିବାର ଉଦ୍ଦେଶ୍ୟ ହେଉଛି ଖୁଚୁରା ପଏଣ୍ଟରେ ମଦ ବୋତଲରେ ଲାଗିଥିବା ଅଚଳ/ ନକଲି ଇଏଏଲ୍ ଚିହ୍ନଟ କରିବା । ନିର୍ଦ୍ଦିଷ୍ଟ ଭାବରେ ଡିଜାଇନ୍ ହୋଇଥିବା ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଇଏଏଲ୍‌ର ସ୍କାନିଂ ଅବକାରୀ ଡ୍ୟୁଟି ଏବଂ ଅନ୍ୟାନ୍ୟ ଟିକସ, ଯୋଗାଣ ଉତ୍ସ, ଅନୁମତି/ ପଠାଇବା ସଂଖ୍ୟା ଏବଂ ତାରିଖ, ଡିପୋ ବିବରଣୀ, ଖୁଚୁରା ବ୍ୟବସାୟୀ ବିବରଣୀ, ବିକ୍ରୟ ତାରିଖ ଇତ୍ୟାଦି ସମ୍ବନ୍ଧରେ ବିବରଣୀ ପ୍ରଦାନ କରିବା ଉଚିତ୍ । ତେଣୁ, ଅବକାରୀ ବିଭାଗର ଅଧିକାରୀମାନେ, ଇଏଏଲ୍ ମାଧ୍ୟମରେ, ମଦ ଦ୍ରବ୍ୟର ଉତ୍ପାଦନ ୟୁନିଟ୍ ଠାରୁ ଉପଭୋକ୍ତାଙ୍କୁ ପ୍ରକୃତ ବିକ୍ରୟ ପର୍ଯ୍ୟନ୍ତ ବିସ୍ତୃତ ସୂଚନା ସଂଗ୍ରହ କରିବାରେ ସକ୍ଷମ ହେବା ଉଚିତ୍ । ପଞ୍ଜାବ ସରକାର, ଉତ୍ତର ପ୍ରଦେଶ ସରକାର ଏବଂ ତାମିଲନାଡୁ ସରକାରଙ୍କ ସମେତ ଅନ୍ୟାନ୍ୟ ରାଜ୍ୟ ଅବକାରୀ ବିଭାଗ ଦ୍ୱାରା ଏହିପରି ଟ୍ରାକ୍ ଏବଂ ଟ୍ରେସ୍ କାର୍ଯ୍ୟକାରିତା କାର୍ଯ୍ୟକାରୀ କରାଯାଇଛି ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଅବକାରୀ ଅଧୀକ୍ଷକ (ଏସ୍‌ଇ), ଖୋର୍ଦ୍ଧାଙ୍କୁ ସୁରକ୍ଷିତ ରକ୍ଷଣ ଏବଂ ଇଏଏଲ୍‌ର ପ୍ରଦାନ ପାଇଁ ଦାୟିତ୍ୱ ସମ୍ପନ୍ନ ଅବକାରୀ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ 27 ଜାନୁଆରୀ 2018 ରେ କାର୍ଯ୍ୟକାରୀ ହୋଇଥିବା ଚୁକ୍ତିନାମା ଆଧାରରେ ଅବକାରୀ ବିଭାଗ ମେସର୍ସ ଇଣ୍ଡିଆ ସିକ୍ୟୁରିଟି ପ୍ରେସ୍, ନାଶିକରୁ ଇଏଏଲ୍ କ୍ରୟ କରିଥିଲା ।

କିଣାଯାଇଥିବା ଇଏଏଲ୍ ଗୁଡ଼ିକର କାର୍ଯ୍ୟକାରିତାରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା ।

### 2.4.1 *ଅବକାରୀ ବିଭାଗ ଦ୍ୱାରା ନିୟନ୍ତ୍ରିତ ଆଇନଗତ ଯୋଗାଣ ଶୃଙ୍ଖଳା ମାଧ୍ୟମରେ ମଦ ଦ୍ରବ୍ୟର ଗତିବିଧି ପାଇଁ ଟ୍ରାକ୍ ଏବଂ ଟ୍ରେସ୍ କାର୍ଯ୍ୟକାରିତାକୁ କାର୍ଯ୍ୟକାରୀ କରିବାରେ ତ୍ରୁଟି*

2019-20 ଆର୍ଥିକ ବର୍ଷ ଶେଷ ପର୍ଯ୍ୟନ୍ତ କାଗଜ ଆଧାରିତ ହଲୋଗ୍ରାମ ଅବକାରୀ ଆଡେସିଭ୍ ଲେବଲ୍ (ଇଏଏଲ୍) ଯୋଗାଣ ପାଇଁ 27 ଜାନୁଆରୀ 2018 ରେ ଅବକାରୀ କମିଶନର, ଓଡ଼ିଶା ଏବଂ ମେସର୍ସ ଇଣ୍ଡିଆ ସିକ୍ୟୁରିଟି ପ୍ରେସ୍ (ଆଇଏସ୍‌ପି), ନାସିକ୍ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ।

ଅଡିଟ୍ ମେସର୍ସ ଆଇଏସ୍‌ପି, ନାସିକ୍ ଠାରୁ ଇଏଏଲ୍ କ୍ରୟ କରିବାର ପ୍ରସ୍ତାବର ସମୀକ୍ଷା କରିଥିଲେ ଏବଂ ଲକ୍ଷ୍ୟ କଲେ ଯେ ଇଏଏଲ୍ ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ଉଚ୍ଚ ସ୍ତରୀୟ ସୁରକ୍ଷା ବୈଶିଷ୍ଟ୍ୟ ପାଇଁ ବ୍ୟବସ୍ଥା ଅଛି, ଯେପରିକି ଅବକାରୀ ବିଭାଗ ଦ୍ୱାରା ପରିଚାଳିତ ଏକ ଡାଟାବେସରେ ଅନନ୍ୟ କ୍ରମିକ ସଂଖ୍ୟା, ବାର କୋଡ୍ ଏବଂ ପ୍ରତ୍ୟେକ ମଦ ବୋତଲରେ ଲାଗିଥିବା ଇଏଏଲ୍ ନମ୍ବର ସଂରକ୍ଷଣ ହୋଇଥିବ ।

ଏହି ଆଭ୍ୟନ୍ତରୀଣ ନିୟନ୍ତ୍ରଣଗୁଡ଼ିକ, ମଦ ଦ୍ରବ୍ୟର ଟ୍ରାକ୍ ଏବଂ ଟ୍ରେସର କାର୍ଯ୍ୟକାରିତା ପ୍ରଦାନ କରିବ ଏବଂ ଅବକାରୀ ବିଭାଗର କର୍ମଚାରୀଙ୍କ ତଥା ଏସ୍‌ଏମ୍‌ଏସ୍, ସ୍ମାର୍ଟ ଫୋନ୍ ଆପ୍ଲିକେସନ୍ ଏବଂ ଏକ ୱେବ୍ ପୋର୍ଟାଲ୍ ମାଧ୍ୟମରେ ଜନସାଧାରଣଙ୍କ ଦ୍ୱାରା ସଜ୍ଜିତ ଇଏଏଲ୍‌ର ସତ୍ୟତା ଯାଞ୍ଚ ପାଇଁ କାର୍ଯ୍ୟ କରିବ । ଓଡ଼ିଶା ଅବକାରୀ ନିୟମର ନିୟମ 158 ର ଆବଶ୍ୟକତା ସହିତ ପଞ୍ଜାବ ସରକାର, ଉତ୍ତର ପ୍ରଦେଶ ସରକାର ଏବଂ ତାମିଲନାଡୁ ସରକାରଙ୍କ ସମେତ ଅନ୍ୟାନ୍ୟ ରାଜ୍ୟ ଅବକାରୀ ବିଭାଗ ଦ୍ୱାରା ଏହିପରି ଟ୍ରାକ୍ ଏବଂ ଟ୍ରେସ କାର୍ଯ୍ୟକାରିତା କରାଯାଇଛି ।

ଉତ୍ପାଦନଠାରୁ ଖୁଚୁରା ପଏଣ୍ଟ ପର୍ଯ୍ୟନ୍ତ ଲଗାଯାଇଥିବା ଇଏଏଲ୍ ଓ ଗତିବିଧିର ପର୍ଯ୍ୟାଲୋଚନା ପାଇଁ ଏକ ଏକାଉଣ୍ଟିଂ ପ୍ରକ୍ରିୟା ମାଧ୍ୟମରେ ମଦ ଦ୍ରବ୍ୟର ଟ୍ରାକ୍ ଓ ଟ୍ରେସ୍‌ର କାର୍ଯ୍ୟକାରିତା ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ କିମ୍ବା ଓଏସ୍‌ବିସିଏଲ୍ ଦ୍ୱାରା ମାର୍ଚ୍ଚ 2021 ସୁଦ୍ଧା କାର୍ଯ୍ୟାନ୍ୱୟନ କରାଯାଇ ନଥିଲା, ଯାହାଫଳରେ ଓଡ଼ିଶା ଅବକାରୀ ନିୟମ, 2017 ର ନିୟମ 158 ର ଅନୁପାଳନ କରାଯାଇ ନଥିଲା ।

ନିୟମ 158 ର ଅନୁପାଳନ ନହେବା ସରକାରୀ ରାଜସ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ, କାରଣ ଆଇନଗତ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ମଦ ଦ୍ରବ୍ୟର ଟ୍ରାକ୍ ଏବଂ ଟ୍ରେସ୍ ସକ୍ଷମ ନଥିଲା । ଅବକାରୀ ବିଭାଗର ନିଜସ୍ୱ ପୃଥକ

ସୂଚନା ପ୍ରଣାଳୀ କିମ୍ବା ଡାଟାବେସ୍ ନାହିଁ ଏବଂ ଓଏସ୍‌ସିବିସିଏଲ୍ ସୂଚନା ବ୍ୟବସ୍ଥା ଏବଂ ଡାଟାବେସ୍ ଉପରେ ନିର୍ଭର କରେ । ନିମ୍ନଲିଖିତ ବିପଦଗୁଡ଼ିକ ଓଏସ୍‌ସିବିସିଏଲ୍ ଦ୍ୱାରା ଚିହ୍ନଟ କରାଯାଇଥିଲା, ଯାହା ମଦ ଦ୍ରବ୍ୟର ଟ୍ରାକ୍ ଏବଂ ଟ୍ରେସ ପଦ୍ଧତି ସକ୍ଷମ କରିବାକୁ ଇଏଏଲ୍ ଆକାଉଣ୍ଟିଂ ପ୍ରକ୍ରିୟା ବ୍ୟବହାର କରି ହ୍ରାସ କରିବାକୁ ଉଦ୍ଦିଷ୍ଟ ଥିଲା ।

- କ. ଖୁଚୁରା ପଏଣ୍ଟରେ ମଦ ଦ୍ରବ୍ୟ ଉପରେ ଅଚଳ/ ନକଲି ଇଏଏଲ୍ ଗୁଡ଼ିକ ସଂଲଗ୍ନ ହୋଇଛି
- ଖ. ଇଏଏଲ୍ ଗୁଡ଼ିକ କ୍ଷତିଗ୍ରସ୍ତ ବୋଲି ରିପୋର୍ଟ କରାଯାଇଥିଲା, କିନ୍ତୁ ପ୍ରକୃତରେ ବ୍ୟବହୃତ ହୋଇଥିଲା
- ଗ. ମଦ ଦ୍ରବ୍ୟ ଉପରେ ଇଏଏଲ୍ ସଂଲଗ୍ନ କରାନଯିବା

ଉତ୍ପାଦନ ଠାରୁ ଖୁଚୁରା ପଏଣ୍ଟ ପର୍ଯ୍ୟନ୍ତ ଇଏଏଲ୍ ଆକାଉଣ୍ଟିଂ ନିମ୍ନ ବିଷୟଗୁଡ଼ିକୁ ସକ୍ଷମ କରିବ-

1. ଉପଭୋକ୍ତା (ଜନସାଧାରଣ ସଦସ୍ୟ) ଏକ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ସ୍କାନ୍ ଏବଂ ନିଶ୍ଚିତତା ପ୍ରାପ୍ତ କରିବେ ଯେ ଖୁଚୁରା ପଏଣ୍ଟରେ ଥିବା ମଦ ବୋତଲଟି ଶୁଳ୍କ ଦେୟଯୁକ୍ତ ହୋଇଥିବ ଏବଂ ଅବକାରୀ ବିଭାଗର ଆଇନଗତ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ସଂଗ୍ରହ କରାଯାଇଥିବ ।
2. ଅବକାରୀ ବିଭାଗର କର୍ମଚାରୀ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ସ୍କାନ୍ ଏବଂ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ମଦ ଦ୍ରବ୍ୟର ସଠିକ୍ ମାର୍ଗ ପାଇବା ପାଇଁ-
   - କ. ଅନୁମତି ସଂଖ୍ୟା, ଅନୁମତିର ତାରିଖ;
   - ଖ. ଉତ୍ପାଦନ ସ୍ଥଳର ନାମ, ପ୍ରେରଣ ସଂଖ୍ୟା, ପ୍ରେରଣ ତାରିଖ;
   - ଗ. ଓଏସ୍‌ସିବିସିଏଲ୍ ଡିପୋର ନାମ, ଜିଆର୍‌ଏନ୍/ ଡିଆରଏନ୍ ସଂଖ୍ୟା, ଡିପୋରେ ପ୍ରାପ୍ତ କରିବାର ତାରିଖ;
   - ଘ. ଆନ୍ତ ଡିପୋ ସ୍ଥାନାନ୍ତର ତାରିଖ, ଗନ୍ତବ୍ୟ ସ୍ଥଳରେ ଜିଆର୍‌ଏନ୍/ ଡିଆର୍‌ଏନ୍ ସଂଖ୍ୟା;
   - ଙ. ଖୁଚୁରା ବ୍ୟବସାୟୀଙ୍କ ନାମ, ଇନଭଏସ୍ ସଂଖ୍ୟା, ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରୟ ତାରିଖ;

ଏଥି ସହିତ, ଅବକାରୀ କର୍ମଚାରୀମାନେ ସ୍କାନ୍ ଏବଂ ମଦ ଦ୍ରବ୍ୟ (ଇଡି, ଭାଟ୍ ଏବଂ ଟିସିଏସ୍) ଉପରେ ପ୍ରଦାନ କରାଯାଉଥିବା ସରକାରୀ ଦେୟର ସ୍ଥିତିକୁ ପ୍ରାପ୍ତ କରିପାରିବେ ଏବଂ ରାଜ୍ୟ ମଧ୍ୟରେ ରିଟେଲ ପଏଣ୍ଟରେ କିମ୍ବା ଗମନାଗମନରେ ପ୍ରଭାବଶାଳୀ ପ୍ରବର୍ତ୍ତନ କାର୍ଯ୍ୟର ଅଂଶ ଭାବରେ ପରୀକ୍ଷଣ ପାଇଁ ଅନିୟମିତ ଭାବରେ ମନୋନିତ ହେବେ । ପ୍ରବର୍ତ୍ତନର ଅଂଶସ୍ୱରୂପ ଦୈନିକ/ ମାସିକ/ ବାର୍ଷିକ ଭିତ୍ତିରେ ଅନିୟତ ପରୀକ୍ଷଣ ପାଇଁ ବ୍ୟବହୃତ ଇଏଏଲ୍ ସଂଖ୍ୟା ଗୁଡ଼ିକ ଅବକାରୀ ବିଭାଗ/ ଆୟୁକ୍ତଙ୍କ ଦ୍ୱାରା ସ୍ଥିର କରାଯାଇପାରିବ ଯେହେତୁ ସେଗୁଡ଼ିକ ବିପକ୍ଷରେ ଲକ୍ଷ୍ୟ ଓ ପ୍ରକୃତ ସଫଳତା ବିଭାଗର ପର୍ଯ୍ୟାଲୋଚନା ଓ ପ୍ରବର୍ତ୍ତନ ପ୍ରକ୍ରିୟାର ଅଧିକତର ଉନ୍ନତି ପାଇଁ ପର୍ଯ୍ୟାଲୋଚନା କରାଯିବ ।

ଅଡିଟ୍, ଓଡ଼ିଶା ଅବକାରୀ ନିୟମର ନିୟମ 158 ର ଆବଶ୍ୟକତା ପୂରଣ କରିବା ପାଇଁ ଅବକାରୀ ବିଭାଗ ଏବଂ ଓଏସ୍‌ବିସିଏଲ୍ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟକାରିତା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣକୁ ସମୀକ୍ଷା କରି ଏହା ଲକ୍ଷ୍ୟ କଲେ ଯେ:

- ମଦ ଉପଭୋକ୍ତାଙ୍କ ପାଇଁ ଇଏଏଲ୍/ କ୍ୟୁଆର୍ କୋଡ୍ ସ୍କାନ୍ କରିବା ଏବଂ ମଦ ବୋତଲ ମଧ୍ୟରେ ଥିବା ଦ୍ରବ୍ୟ ମନୁଷ୍ୟ ବ୍ୟବହାର ପାଇଁ ଉପଯୁକ୍ତ, ମଦ ଦ୍ରବ୍ୟ ଶୁଳ୍କ ଦେୟ ଯୁକ୍ତ ଏବଂ ଅବକାରୀ ବିଭାଗର ଆଇନଗତ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ସଂଗୃହିତ ବିଷୟରେ ନିଶ୍ଚିତତା/ ସନ୍ତୋଷ ପ୍ରାପ୍ତ ହେବା ପାଇଁ ଇଏଏଲ୍ ଗୁଡ଼ିକରେ ପର୍ଯ୍ୟାପ୍ତ କାର୍ଯ୍ୟକାରିତାର ସୁଯୋଗ ରହୁନାହିଁ ।

- ଇଏଏଲ୍ ଗୁଡ଼ିକରେ ଇଏଏଲ୍/ କ୍ୟୁଆର୍ କୋଡ ସ୍କାନ କରିବା ଏବଂ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ମଦ ଦ୍ରବ୍ୟର ସଠିକ୍ ମାର୍ଗ ଉପରେ ନିଶ୍ଚିତତା ପାଇବା ପାଇଁ ଅବକାରୀ ବିଭାଗର କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ କାର୍ଯ୍ୟକାରିତ ଧାରଣ କରେ ନାହିଁ । ଉତ୍ପାଦନ ସ୍ଥଳର ନାମ; ପଠାଇବା ସଂଖ୍ୟା; ପଠାଇବା ତାରିଖ; ଓଏସ୍‌ବିସିଏଲ୍ ଡିପୋର ନାମ; ଦ୍ରବ୍ୟ ପ୍ରାପ୍ତ ନୋଟ୍ ନମ୍ବର; ଡିପୋରେ ପ୍ରାପ୍ତ ତାରିଖ; ଆନ୍ତ-ଡିପୋ ସ୍ଥାନାନ୍ତରର ତାରିଖ, ଗନ୍ତବ୍ୟ ସ୍ଥଳରେ ଜିଆର୍‌ଏନ୍ ସଂଖ୍ୟା; ଖୁଚୁରା ବ୍ୟବସାୟୀଙ୍କ ନାମ, ଇନଭଏସ୍ ନମ୍ବର,

ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରୟ ତାରିଖ ଏବଂ ନିଶ୍ଚିତ କରେ ଯେ ଇଡି, ମାର୍ଜିନ୍, ଭାଟ୍, ଟିସିଏସ୍ ଇତ୍ୟାଦି ଦେୟ ପ୍ରଦାନ କରାଯାଉଥିବା ମଦ ଦ୍ରବ୍ୟ ଉପରେ ସଠିକ୍ ଭାବରେ ପ୍ରଦାନ କରାଯାଇଛି । ଏହିପରି ଏକ ଟ୍ରାକ୍ ଏବଂ ଟ୍ରେସ୍ କାର୍ଯ୍ୟକାରିତା, ମଦ ଦ୍ରବ୍ୟର ତୁରନ୍ତ ଚିହ୍ନଟକୁ ସକ୍ଷମ କରିବ ଯାହା ଅବକାରୀ ବିଭାଗ ଦ୍ୱାରା ନିୟନ୍ତ୍ରିତ ଆଇନଗତ ଯୋଗାଣ ଶୃଙ୍ଖଳ ବାହାରେ ଯୋଗାଇ ଦିଆଯାଉଛି, ଯେହେତୁ କେବଳ ସେହି ଉତ୍ପାଦକଗୁଡ଼ିକ ଯାହା ଆଇନଗତ ଯୋଗାଣ ଶୃଙ୍ଖଳର ସମସ୍ତ ପଏଣ୍ଟ ଉତ୍ପାଦନ ୟୁନିଟରୁ ଓଏସ୍‌ବିସିଏଲ୍ ଡିପୋରୁ ଖୁଚୁରା ବ୍ୟବସାୟୀ ଦେଇ ଯାଇଥିବ, ତାହାର ଏକ ସମ୍ପୂର୍ଣ୍ଣ ଇତିହାସ ରହିବ ଯାହା ଅବକାରୀ ଆୟୁକ୍ତ ପ୍ରବର୍ତ୍ତନ ୱିଙ୍ଗ୍ ଦ୍ୱାରା ସ୍ୱଚ୍ଛ ଭାବରେ ଦେଖାଯାଇପାରିବ ।

- ଉପରୋକ୍ତ ଦୁଇଟି ବ୍ୟବହାର ମାମଲା ଅନୁଯାୟୀ, ମଦଦ୍ରବ୍ୟ ଗୁଡ଼ିକର ଶୀଘ୍ର ଟ୍ରାକ୍ ଏବଂ ଟ୍ରେସ୍‌କୁ ସକ୍ଷମ କରିବା ପାଇଁ ଇଏଏଲ୍‌ର ଡିଜାଇନ୍‌ରେ ବ୍ୟାପକ କାର୍ଯ୍ୟକାରିତା କିମ୍ବା ବ୍ୟବହାରକାରୀଙ୍କ ପାଇଁ ଉପଯୁକ୍ତ ମୋବାଇଲ ଆପ୍ଲିକେସନ ଗୁଡ଼ିକର ବିକାଶ ଅବକାରୀ ବିଭାଗ ଦ୍ୱାରା ସମସ୍ତ ବ୍ୟବହାରକାରୀ ସମେତ ଇଏଏଲ୍‌ର ଉତ୍ପାଦନକାରୀ, ଓଏସ୍‌ବିସିଏଲ୍ ଏବଂ ଅବକାରୀ ଆୟୋଗର ପ୍ରବର୍ତ୍ତନ ବିଭାଗର କର୍ମଚାରୀଙ୍କ ପରାମର୍ଶରେ ବିକଶିତ କରାଯାଇନଥିଲା, ଯେଉଁମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ଟ୍ରାକ୍ ଏବଂ ଟ୍ରେସ୍ କାର୍ଯ୍ୟକାରିତା (ଖୁଚୁରା ବିକ୍ରୀ ପଏଣ୍ଟରେ ନିରୀକ୍ଷଣ ହେଉଥିବା ପ୍ରତି ମଦ ଦ୍ରବ୍ୟର ସମ୍ପୂର୍ଣ୍ଣ ଆରମ୍ଭ ଓ ଉତ୍ସ ଦେଖିବା ପାଇଁ) ଅତ୍ୟନ୍ତ ଦରକାରୀ । ଏଭଳି ମୋବାଇଲ୍ ପ୍ରୟୋଗଗୁଡ଼ିକ ବିକଶିତ ହୋଇଛି ଏବଂ ଆନ୍ଧ୍ରପ୍ରଦେଶ ସରକାର ଅବକାରୀ ବିଭାଗ ଦ୍ୱାରା ବ୍ୟବହାର କରାଯାଉଛି ।

- ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଟ୍ରାକ୍ ଏବଂ ଟ୍ରେସ୍‌କୁ ସକ୍ଷମ କରିବାକୁ, ମଦଦ୍ରବ୍ୟ ଗୁଡ଼ିକର ପ୍ରାପ୍ତି ପରେ, ଓଏସ୍‌ବିସିଏଲ୍‌ର ଡିପୋଗୁଡ଼ିକ ପ୍ରତି ମଦ ଦ୍ରବ୍ୟ ଉପରେ ଲାଗିଥିବା ଇଏଏଲ୍ ଗୁଡ଼ିକର କିମ୍ବା ମଦ ଦ୍ରବ୍ୟ ରଖାଯାଇଥିବ । ପେଟିର ଉପର ପଟେରେ ଲଗାଯାଇଥିବା ବାରକୋଡର ସ୍କାନ୍ କରବେ । କିନ୍ତୁ, ଉତ୍ପାଦନ ୟୁନିଟ୍‌ରୁ ପ୍ରେରଣ ସମୟରେ ପ୍ରତି ପେଟିରେ ଥିବା ଜିନିଷରେ ବାର କୋଡ ଲଗାଇବା କିମ୍ବା ଓଡ଼ିଶା ପାନୀୟ ନିଗମର ଡିପୋରେ ପ୍ରାପ୍ତ ହେଲା ପରେ ପେଟିର ବାରକୋଡ଼ କିମ୍ବା ପ୍ରତି ଇଏଏଲ୍‌ର ବାରକୋଡର ସ୍କାନ୍ କରାଯିବାର ବ୍ୟବସ୍ଥା ନଥିଲା ।

- ଯୋଗାଣ ଶୃଙ୍ଖଳ ମାଧ୍ୟମରେ ମଦ ଦ୍ରବ୍ୟର ଗତିବିଧି ଉପରେ ନଜର ରଖିବା ପାଇଁ ଓଏସ୍‌ବିସିଏଲ୍ ଦ୍ୱାରା ବ୍ୟବହୃତ ସଫ୍ଟୱେର୍ ଆପ୍ଲିକେସନରେ, ଜୁନ୍ 2014 ସୁଦ୍ଧା ଏନ୍‌ଆଇସି ଦ୍ୱାରା ଇଏଏଲ୍ ଆକାଉଣ୍ଟିଂ ମଡ୍ୟୁଲ୍ କାର୍ଯ୍ୟକାରୀ କରାଯିବାର ଥିଲା । ତେବେ, ନିର୍ଦ୍ଧାରିତ ସମ୍ପୂର୍ଣ୍ଣ ତାରିଖର ସାତ ବର୍ଷ ପରେ ମଧ ଏହି ମଡ୍ୟୁଲଟି ବର୍ତ୍ତମାନ ପର୍ଯ୍ୟନ୍ତ (ଡିସେମ୍ବର 2021) କାର୍ଯ୍ୟକାରୀ ହୋଇନଥିଲା । ଆଇନଗତ ଯୋଗାଣ ଶୃଙ୍ଖଳା ମାଧ୍ୟମରେ ମଦ ଦ୍ରବ୍ୟର ଟ୍ରାକ୍ ଏବଂ ଟ୍ରେସ୍ ସକ୍ଷମ ହୋଇନଥିବାରୁ ସରକାରୀ ରାଜସ୍ୱ ପାଇଁ ଇଏଏଲ୍ ଆକାଉଣ୍ଟିଂର ଅଣ-କାର୍ଯ୍ୟାନ୍ୱୟନ ଏକ ସାମଗ୍ରିକ ବିପଦ ସୃଷ୍ଟି କରେ । ଅବକାରୀ ବିଭାଗର ନିଜସ୍ୱ ଭିନ୍ନ ସୂଚନା ପ୍ରଣାଳୀ ନାହିଁ ଏବଂ ଏହା କାର୍ଯ୍ୟକାରୀ ହେଲେ ଓଏସ୍‌ବିସିଏଲ୍ ସୂଚନା ପ୍ରଣାଳୀ ଉପରେ ନିର୍ଭରଶୀଳ ହେବ, ସେତେବେଳେ ଅବକାରୀ ଆଡେସିଭ୍ ଲେବଲ୍ ପାଇଁ ହିସାବର ଯଥେଷ୍ଟତା ଉପରେ ନିଶ୍ଚିତତା ମିଳିବ ।

ଅଡିଟ୍‌ର ମତ ହେଲା ଯେ, ନିୟମ 158 ର ଏହିପରି ଅନୁପାଳନ ନହେବା ଓଡ଼ିଶା ଅବକାରୀ ନିୟମର ଏକ ଉଲ୍ଲେଖଯୋଗ୍ୟ ଉଲ୍ଲଂଘନ, ଯାହା କେବଳ ସରକାରଙ୍କୁ ସାମଗ୍ରୀକ କ୍ଷତି କରିବାରେ ସକ୍ଷମ ହୋଇନଥାଏ, ବରଂ ଜନସ୍ୱାସ୍ଥ୍ୟ ଉପରେ ସାମଗ୍ରୀକ ପ୍ରତିକୂଳ ପ୍ରଭାବ ପକାଇବାରେ ମଧ ସକ୍ଷମ ହୁଏ ।

ଯୋଗାଣକାରୀଙ୍କୁ ଦିଆଯାଇଥିବା ଇଏଏଲ୍ ମଧ୍ୟରୁ, ଯଦି ଅବ୍ୟବହୃତ ଇଏଏଲ୍ ଗୁଡ଼ିକ (ଯଥା-ଆଇନଗତ ଯୋଗାଣ ଶୃଙ୍ଖଳା ମାଧ୍ୟମରେ ଯୋଗାଣ ପାଇଁ ବ୍ୟବହୃତ ହୁଏ ନାହିଁ) ରାଜ୍ୟ ମଧରେ ବ୍ୟବହାର ପାଇଁ ବ୍ୟବହୃତ ହୁଏ ଏବଂ ମଦ ଦ୍ରବ୍ୟ ଉପରେ ଲାଗିଥାଏ ଯେଉଁଥିରେ କୌଣସି ଅବକାରୀ ଶୁଳ୍କ ଦିଆଯାଇ ନାହିଁ, ତେବେ ଖୁଚୁରା ବିକ୍ରୀ ସ୍ଥାନରେ ଏହିପରି ଇଏଏଲ୍ ଯୁକ୍ତ ଉତ୍ପାଦକୁ ପୃଥକ କରିବା ପାଇଁ ଅବକାରୀ ବିଭାଗର ପ୍ରବର୍ତ୍ତନ ଗଠନ ପାଇଁ କୌଣସି ମାଧ୍ୟମ ରହିବ ନାହିଁ । ଫଳସ୍ୱରୂପ, କେବଳ ସରକାରୀ ରାଜସ୍ୱ ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ପରିହାର୍ଯ୍ୟ ସୁଯୋଗ ନୁହେଁ ବରଂ ବିଷାକ୍ତ/ ନିଷିଦ୍ଧ ମଦରେ ମଧ ଏହିପରି ବିଭ୍ରାନ୍ତିକର ଇଏଏଲ୍ ସଂଲଗ୍ନ କରାଯାଇ ନାଗରିକଙ୍କୁ ବିକ୍ରୟ ପାଇଁ ପରିହାର୍ଯ୍ୟ ସୁଯୋଗ ରହିବ ।

ଉପରୋକ୍ତ କାରଣଗୁଡ଼ିକ ହେତୁ ଏହା ସଠିକ୍ ଭାବରେ ଜଣାଯାଉଛି ଯେ ଉତ୍ପାଦନରୁ ଖୁଚୁରା ପଏଣ୍ଟ ପର୍ଯ୍ୟନ୍ତ ଇଏଏଲ୍ ଆକାଉଣ୍ଟ ପ୍ରଚଳନ ପାଇଁ ଓଡ଼ିଶା ଅବକାରୀ ନିୟମର ନିୟମ 158 ରେ ଥିବା ଧାରା ଆକାରରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଗ୍ରହଣ କରାଯାଇଛି, ଯେହେତୁ ଇଏଏଲ୍ ଗୁଡ଼ିକ ସଠିକତାର ସହିତ ଅନ୍ତର୍ନିହିତ ଅର୍ଥନୈତିକ ମୂଲ୍ୟ ଥିବା ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ଭାବରେ ଚିହ୍ନଟ କରାଯାଇଛି । ଅଗଣିତ ଇଏଏଲ୍‌ର ହିସାବ ନଥିବା ଘଟଣାଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ବର୍ଣ୍ଣନା କରାଯାଇଛି:

ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2022) ଯେ 2021-22 ଅବଧିରେ ତିନିଟି ଦଳକୁ ଅନ୍ୟ ରାଜ୍ୟକୁ, ସେହି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଟ୍ରାକ୍ ଏବଂ ଟ୍ରେସ୍ ବ୍ୟବସ୍ଥା ବିଷୟରେ ଅନୁଧ୍ୟାନ କରିବା ପାଇଁ ପଠାଯାଇଥିଲା, ଯାହାଫଳରେ ସମାନ ବ୍ୟବସ୍ଥା ଓଡ଼ିଶା ରାଜ୍ୟରେ କାର୍ଯ୍ୟକାରୀ କରାଯାଇପାରିବ । ମଦ ବୋତଲ ଗୁଡ଼ିକରେ ଉତ୍ପାଦନ ଓ ଯୋଗାଣ, ଇଏଏଲ୍‌ର ବ୍ୟବହାରକୁ ପର୍ଯ୍ୟାଲୋଚନା କରିବା ପାଇଁ ସମସ୍ତ ଉତ୍ପାଦନ ୟୁନିଟ୍ ଗୁଡ଼ିକୁ ଡିଜିଟାଇଜ୍ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ ।

ବିଭାଗର ଜବାବ ଯୁକ୍ତିଯୁକ୍ତ ନଥିଲା, ଯେହେତୁ ଉତ୍ପାଦନରେ ବ୍ୟବହୃତ ଯନ୍ତ୍ରପାତିଗୁଡ଼ିକର ପର୍ଯ୍ୟାଲୋଚନା ଏକ ସୁପରଭାଇଜରୀ କଣ୍ଟ୍ରୋଲ ଓ ଡାଟା ଆକ୍ୱିଜିସନ୍ (ଏସ୍‌ସିଏଡିଏ) ବ୍ୟବସ୍ଥା ଓ/ କିମ୍ବା ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଙ୍ଗ୍ (ଇଆର୍‌ପି) ସଫ୍ଟୱେୟାର ମାଧ୍ୟମରେ ପ୍ରତ୍ୟେକ ଉତ୍ପାଦନ ୟୁନିଟରେ କରାଯାଉଛି । ପ୍ରତ୍ୟେକ ୟୁନିଟ୍ ନିମ୍ନ ବିଷୟଗୁଡ଼ିକୁ ନିଶ୍ଚିତ କରିବାକୁ ଏସ୍‌ସିଏଡିଏ ଏବଂ/ କିମ୍ବା ଇଆର୍‌ପି ଆବଶ୍ୟକ କରେ:

- ଉତ୍ପାଦନ ସମୟରେ ଶିଳ୍ପ ସୁରକ୍ଷା (ଜରୁରୀକାଳିନ ବନ୍ଦ, ଉତ୍ପାଦନର ଉତ୍ତାପ, ଚାପ, ଗତି, ଇତ୍ୟାଦି ନିୟନ୍ତ୍ରଣ ପାଇଁ ସ୍ୱୟଂପ୍ରକ୍ରିୟାଗୁଡ଼ିକର ପର୍ଯ୍ୟାଲୋଚନା) ।
- ପାନୀୟ ଗୁଡ଼ିକର ଗୁଣବତ୍ତା ନିୟନ୍ତ୍ରଣ (ପ୍ରସ୍ତୁତ ଉତ୍ପାଦ ମନୁଷ୍ୟ ବ୍ୟବହାର ପାଇଁ ଉପଯୁକ୍ତ ବିଷୟକୁ ନିଶ୍ଚିତ କରିବାକୁ) ।
- ସଂଗ୍ରହଣ (ଶସ୍ୟ, ବାର୍ଲି ଇତ୍ୟାଦି ଭଳି କଞ୍ଚାମାଲ ଏବଂ ବୋତଲ, ଠିପି, ଇଏଏଲ୍ ଭଳି ଇନ୍‌ପୁଟ୍), ଉତ୍ପାଦନ (ଉତ୍ପାଦକ ଲକ୍ଷ୍ୟ ଓ ସିଫ୍ଟ ସମୟ), ସାମଗ୍ରୀ ପରିଚାଳନା (ଇନ୍‌ଭେଣ୍ଟରୀ, ଭଣ୍ଡାରଣ), ମୂଲ୍ୟ ପରିଚାଳନା (ଲାଭାଂଶ ଉପରେ ନଜର ରଖିବାକୁ) ଓ ହିସାବ ରକ୍ଷା (ଟ୍ରାଏଲ୍ ବାଲାନ୍ସ, ଆର୍ଥିକ ବିବରଣୀ, ଟିକସ ଦେୟଗୁଡ଼ିକର ଚିହ୍ନଟ) ଭଳି ମୂଳ ବ୍ୟବସାୟ କାର୍ଯ୍ୟକଳାପଗୁଡ଼ିକ ଉପରେ ଯୋଜନା ଓ ପର୍ଯ୍ୟାଲୋଚନା ।

  ପ୍ରତ୍ୟେକ ଉତ୍ପାଦନ ସିଫ୍ଟ ପାଇଁ (ଖାଲି ବୋତଲ ସଂଖ୍ୟା, କ୍ୟାନ୍, ଠିପି, ମାର୍କା ଚିହ୍ନ ଓ ପ୍ରତ୍ୟେକ ଉତ୍ପାଦନ ସିଫ୍ଟକୁ ଦିଆଯାଇଥିବା ଇଏଏଲ୍ ଗୁଡ଼ିକରେ ଉତ୍ପାଦନ ବିଭାଗରେ ସ୍ଥାପିତ କାଉଣ୍ଟର ମାଧ୍ୟମରେ ପର୍ଯ୍ୟାଲୋଚନା କରାଯାଏ) ଏହି ପ୍ରକାରର ସୀଷ୍ଟମ ପ୍ରସ୍ତୁତ ଉତ୍ପାଦନ ରେକର୍ଡର ଉପଲବ୍ଧତା ସତ୍ତ୍ୱେ, ଅବକାରୀ ବିଭାଗକୁ ଦିଆଯାଇଥିବା ଉତ୍ପାଦନ ପରିମାଣ ସହିତ ଏହି ସୀଷ୍ଟମ ପ୍ରସ୍ତୁତ ଉତ୍ପାଦନ ପରିମାଣର ପ୍ରତିପରୀକ୍ଷା କରାଯାଉନାହିଁ ।

## 2.4.2 ଇଏଏଲ୍ ଖାତାରେ ଅସଙ୍ଗତି

2017-21 ମଧ୍ୟରେ ଆଇଏମ୍‌ଏଫ୍‌ଏଲ୍, ବିଅର ଏବଂ ଦେଶୀ ମଦର 58 ଟି ଉତ୍ପାଦନ ୟୁନିଟ୍[26] ଥିଲା ଯାହାକୁ ଇଏଏଲ୍ ପ୍ରଦାନ କରାଯାଇଥିଲା । 2017-18 ରୁ 2020-21 ପର୍ଯ୍ୟନ୍ତ ଚାରି ବର୍ଷ ପାଇଁ ଏସ୍‌ଇ, ଖୋର୍ଦ୍ଧା ଦ୍ୱାରା ପରିଚାଳିତ ଇଏଏଲ୍ ରେଜିଷ୍ଟରରୁ ଲକ୍ଷ୍ୟ କରାଯାଇଥିବା ଇଏଏଲ୍ ହିସାବର ସଂକ୍ଷିପ୍ତ ବିବରଣୀ ନିମ୍ନରେ ସାରଣୀରେ ଦର୍ଶାଯାଇଛି:

***ସାରଣୀ2.4: 2017-21 ଅବଧିରେ ଇଏଏଲ୍‌ର ପ୍ରାପ୍ତି ଏବଂ ପ୍ରଦାନ***

| ବର୍ଷ | ପ୍ରାରମ୍ଭିକ ଜମା | ପ୍ରାପ୍ତ ହୋଇଛି | ପକ୍ଷମାନଙ୍କୁ ପ୍ରଦାନ କରାଯାଇଛି | ଅନ୍ତିମ ଅବଶେଷ |
|---|---|---|---|---|
| | *(ପରିମାଣ ଲକ୍ଷରେ)* | | | |
| 2017-18 | 974.60 | 5,100.00 | 4,896.80 | 1,177.80 |
| 2018-19 | 1177.80 | 5,485.20 | 5,383.60 | 1,279.40 |

[26] ଓଡ଼ିଶାରେ ଅବସ୍ଥିତ: 20 ଏବଂ ଓଡ଼ିଶା ବାହାରେ ଅବସ୍ଥିତ: 38

| ବର୍ଷ | ପ୍ରାରମ୍ଭିକ ଜମା | ପ୍ରାପ୍ତ ହୋଇଛି | ପକ୍ଷମାନଙ୍କୁ ପ୍ରଦାନ କରାଯାଇଛି | ଅନ୍ତିମ ଅବଶେଷ |
|---|---|---|---|---|
| | (ପରିମାଣ ଲକ୍ଷରେ) | | | |
| 2019-20 | 1279.40 | 5,078.00 | 5,947.40 | 410.00 |
| 2020-21 | 410.00 | 3,550.00 | 3,254.20 | 705.80 |
| ମୋଟ | | **19,213.20** | **19,482.00** | |

*(ଉତ୍ସ: ଏସ୍ଇ, ଖୋର୍ଦ୍ଧାଙ୍କ ନଥି)*

ଅଡିଟ୍ ଲକ୍ଷ୍ୟ କଲେ ଯେ ଏସ୍ଇ, ଖୋର୍ଦ୍ଧା କିମ୍ବା ଉତ୍ପାଦନ ୟୁନିଟ୍‌ର ଓଆଇସି ଦ୍ୱାରା ପରିଚାଳିତ ଇଏଲ୍ ରେଜିଷ୍ଟରରେ ଥିବା ଏଣ୍ଟ୍ରିଗୁଡ଼ିକ ବନ୍ଦ ଏବଂ ପ୍ରମାଣୀକରଣ ଉପରେ ଓଡ଼ିଶା ଅବକାରୀ ନିୟମାବଳୀ ନୀରବ ରହିଛି ଏବଂ ଅବକାରୀ ଆୟୁକ୍ତଙ୍କ ଦ୍ୱାରା କୌଣସି ନିର୍ଦ୍ଦେଶ ଏବଂ ନିର୍ଦ୍ଦେଶନାମା ଜାରି କରାଯାଇ ନାହିଁ । ଏହା ଦେଖାଗଲା ଯେ ଇଏଲ୍ ରେଜିଷ୍ଟରଗୁଡ଼ିକ ପ୍ରତିବର୍ଷ ପ୍ରମାଣୀକରଣ ଏବଂ ବନ୍ଦ କରାଯାଉଥିଲା । ରେଜିଷ୍ଟରରେ, ତଥାପି, ଉତ୍ପାଦନ ୟୁନିଟ୍‌ୱାରୀ ବିବରଣୀଗୁଡ଼ିକ, ଯେପରି ପ୍ରାରମ୍ଭିକ ଜମା, ବିନିଯୋଗ, କ୍ଷତି ଏବଂ ଇଏଲ୍ ଗୁଡ଼ିକର ଅନ୍ତିମ ଅବଶେଷ ଦର୍ଶାଯାଇ ନଥିଲା । ଏହିପରି, ଏସ୍ଇ, ଖୋର୍ଦ୍ଧା, ଇଏଲ୍‌ର ରକ୍ଷକ ଭାବରେ ନିଯୁକ୍ତ ହେବା ସତ୍ତ୍ୱେ ପ୍ରତ୍ୟେକ ଉତ୍ପାଦନକାରୀ/ ଉତ୍ପାଦନ ୟୁନିଟ୍ ଦ୍ୱାରା ବ୍ୟବହୃତ ଇଏଲ୍ ସଂଖ୍ୟାର ପ୍ରତିପରୀକ୍ଷା କରିବାର ସ୍ଥିତିରେ ନଥିଲେ । ଓଡ଼ିଶାରେ ଅବସ୍ଥିତ ଉତ୍ପାଦନ ୟୁନିଟ୍ ଏବଂ ରାଜ୍ୟ ବାହାରର ଯୋଗାଣକାରୀଙ୍କ କ୍ଷେତ୍ରରେ, ହିସାବ ବହିର୍ଭୁତ ଇଏଲ୍ ଓ ଇଏଲ୍ ଆକାଉଣ୍ଟଗୁଡ଼ିକର ପ୍ରସ୍ତୁତି ହୋଇନଥିବା ମଧ୍ୟ ଅଡିଟ୍ ଲକ୍ଷ୍ୟ କଲେ ।

ବିଭାଗ, ଅଡିଟ୍ ମନ୍ତବ୍ୟଗୁଡିକୁ ସ୍ୱୀକାର କରି, ପ୍ରତି ଉତ୍ପାଦନ ୟୁନିଟ୍ ପାଇଁ ଇଏଲ୍ ଗୁଡିକର ପ୍ରାରମ୍ଭିକ ଅବଶେଷ, ବିନିଯୋଗ, କ୍ଷତି ଓ ଅନ୍ତିମ ଅବଶେଷ ଇତ୍ୟାଦିର ଉଲ୍ଲେଖପୂର୍ବକ ଇଏଲ୍ ରେଜିଷ୍ଟର ପ୍ରଚଳନ ଆରମ୍ଭ କରିଥିବା ବିଷୟ ବ୍ୟକ୍ତ କରିଥିଲେ (ଅପ୍ରେଲ 2022) ।

### 2.4.3 ଓଡ଼ିଶାରେ ଅବସ୍ଥିତ ଉତ୍ପାଦନକାରୀଙ୍କ ସମ୍ବନ୍ଧରେ ଇଏଲ୍ ଅବଶେଷ କମ୍ ଦର୍ଶାଯିବା

ପାଞ୍ଚଟି ଉତ୍ପାଦନ ୟୁନିଟ୍ ଦ୍ୱାରା ପଠାଯାଇଥିବା ବୋତଲ ସଂଖ୍ୟା ସହିତ ଅଡିଟ୍ ସେମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ଇଏଲ୍ ସମ୍ପର୍କିତ ରିପୋର୍ଟର ତୁଳନା କଲେ ଏବଂ ନିମ୍ନ ସାରଣୀରେ ଦେଖାଯାଇଥିବା 27.74 ଲକ୍ଷ ଇଏଲ୍ ହିସାବ ଅନ୍ତର୍ଭୁକ୍ତ କରାଯାଇ ନଥିଲା:

***ସାରଣୀ 2.5: 2017-21 ଅବଧିରେ ପଠାଯାଇଥିବା ମଦ ବୋତଲଗୁଡ଼ିକ ଇଏଲ୍ ସହିତ ବିନିଯୋଗ ଦର୍ଶାଉଥିବା ବିବରଣୀ***

*(ସଂଖ୍ୟା ଲକ୍ଷରେ)*

| ଉତ୍ପାଦନକାରୀ | ପ୍ରାରମ୍ଭିକ ଜମା | ପ୍ରଦାନ | କ୍ଷତି | ଅନ୍ତିମ ଅବଶେଷ | ବିନିଯୋଗ | ପଠାଯାଇଥିବା ବୋତଲ | ହିସାବ ବହିର୍ଭୁତ |
|---|---|---|---|---|---|---|---|
| | (1) | (2) | (3) | (4) | (5) (1+2-3-4) | (6) | (5-6) |
| ୟୁଏସ୍ଏଲ୍, ଗୋପାଳପୁର | 71.62 | 3267.8 | 5.22 | 42.05 | 3292.15 | 3290.53 | 1.62 |
| ଏଏସ୍‌ସିଆଇଏଲ୍, ଆସ୍କା | 31.09 | 2685.2 | 0 | 44.24 | 2672.05 | 2670.75 | 1.3 |
| ମାଇକାଲ୍ ବ୍ରେୱେରିଜ୍, ବଲାଙ୍ଗୀର | 3.94 | 16.8 | 0 | 0.72 | 20.02 | 16.77 | 3.25 |
| ସମ ଡିଷ୍ଟିଲେରିଜ୍, କଟକ | 0 | 252 | 0 | 8.66 | 243.34 | 227.04 | 16.3 |
| ୟୁବିଏଲ୍, ଖୋର୍ଦ୍ଧା | 44.84 | 3210 | 0 | 63.25 | 3191.59 | 3186.32 | 5.27 |
| ମୋଟ | **151.49** | **9431.8** | **5.22** | **158.92** | **9419.15** | **9391.41** | **27.74** |

*(ଉତ୍ସ: ଏସ୍ଇ, ଖୋର୍ଦ୍ଧା ରେକର୍ଡ, ଓଏସ୍‌ବିସିଏଲ୍ ର ଡାଟାବେସ୍ ଏବଂ ଉତ୍ପାଦନ ୟୁନିଟର ରେକର୍ଡ)*

ଏହା ଦେଖାଗଲା ଯେ ମାର୍ଚ୍ଚ 2021 ସୁଦ୍ଧା 27.74 ଲକ୍ଷ ଇଏଲ୍ ହିସାବ ବହିର୍ଭୁତ ରହିଥିଲା । 2017-21 ଅବଧିରେ, 31 ଡିସେମ୍ବର 2020 ରେ ଇଏଲ୍‌ର ଦାୟିତ୍ୱରେ ଥିବା ଅବକାରୀ ଇନ୍‌ସ୍ପେକ୍ଟର ଜଣେ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସମୟରେ, ଇଏଲ୍‌ର ଭୌତିକ ଯାଞ୍ଚ ଥରେ ମାତ୍ର କରାଯାଇଥିଲା । ଭୌତିକ ଯାଞ୍ଚ ସମୟରେ, ଏକ ଲକ୍ଷ ଇଏଲ୍ ନିଖୋଜ ଥିବା ଦେଖାଯାଇଥିଲା । 3 ଫେବୃଆରୀ 2021 ରେ ପୋଲିସ୍‌ରେ ଏକ ଏଫ୍‌ଆଇଆର୍ ଦାୟର କରାଯାଇଥିଲା ଏବଂ ପରବର୍ତ୍ତୀ ଅଗ୍ରଗତିକୁ ଅପେକ୍ଷା କରାଯାଇଛି

(ଜାନୁଆରୀ 2022) । ଓଡ଼ିଶା ଅବକାରୀ ନିୟମ, 2017 ରେ ଇଏଏଲ୍‌ର ନିୟମିତ ଭୌତିକ ଯାଞ୍ଚ ପରିଚାଳନା ବ୍ୟବସ୍ଥିତ କରିବାରେ ଅଭାବ ଥିଲା ।

- 1 ଅପ୍ରେଲ 2018 ରେ ମେସର୍ସ ଏସିଏସ୍‌ଆଇଏଲ୍ ର ଅବକାରୀ ଓଆଇସିଙ୍କ ପାଖରେ ଇଏଏଲ୍‌ର ପ୍ରାରମ୍ଭିକ ଜମା 32.58 ଲକ୍ଷ ଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ 2018-19 ମଧ୍ୟରେ ଅବକାରୀ ଓଆଇସି ମାନଙ୍କୁ 749.80 ଲକ୍ଷ ଇଏଏଲ୍ ପ୍ରଦାନ କରାଯାଇଥିଲା । ସମାନ ଅବଧିରେ ମେସର୍ସ ଏସିଏସ୍‌ଆଇଏଲ୍ ଦ୍ୱାରା ଉତ୍ପାଦିତ 776.25 ଲକ୍ଷ ବୋତଲ ଉପରେ ଇଏଏଲ୍ ଗୁଡ଼ିକ ଲଗାଯାଇଥିଲା । ଏହିପରି, ଅଡିଟ୍ ଦ୍ୱାରା କରାଯାଇଥିବା ହିସାବ ଅନୁସାରେ 31 ମାର୍ଚ୍ଚ 2019 ରେ ଇଏଏଲ୍ ର ଅନ୍ତିମ ଅବଶେଷ 6.13 ଲକ୍ଷ ଥିଲା । ତେବେ, ଅବକାରୀ ଓଆଇସି ସମାନ ଦିନରେ 10.19 ଲକ୍ଷ ଇଏଏଲ୍‌ର ଅନ୍ତିମ ଅବଶେଷ ରିପୋର୍ଟ କରିଥିଲେ । ଏହିପରି, 4.06 ଲକ୍ଷ ଇଏଏଲ୍ ଅତିରିକ୍ତ ଥିଲା ଯାହାର ସହମତିକରଣ କରାଯାଇ ନଥିଲା ।

  ପୁନର୍ବାର, 31 ମାର୍ଚ୍ଚ 2020 ରେ, 26.04 ଲକ୍ଷ ଇଏଏଲ୍‌ର ଅବଶେଷ ଜମା ବିପକ୍ଷରେ 1 ଅପ୍ରେଲ 2020 ରେ 34.69 ଲକ୍ଷ ଇଏଏଲ୍ ପ୍ରାରମ୍ଭିକ ଜମା ଭାବରେ ଦର୍ଶାଯାଇଥିଲା, ଯାହା ଉତ୍ପାଦିତ ବୋତଲ ଓ ଲଗାଯାଇଥିବା ଇଏଏଲ୍ ସମ୍ବନ୍ଧରେ 8.65 ଲକ୍ଷ ଇଏଏଲ୍ ସହମତିକରଣ ନହେବାକୁ ସୂଚାଉଥିଲା । ଇଏଏଲ୍‌ର ହିସାବ ନରହିବା ଫଳରେ ଇଏଏଲ୍‌ର ଅପବ୍ୟବହାର ଓ ତଦ୍‌ଜନିତ ଅବକାରୀ ରାଜସ୍ୱ କ୍ଷତି ହୋଇପାରେ ।

ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ଇଏଏଲ୍‌ର ଭୌତିକ ଜମା ପରିମାଣ ଓ ନଥିଭୁକ୍ତ ଜମା ପରିମାଣ ମଧ୍ୟରେ ସହମତିକରଣ ପାଇଁ ବିସ୍ତୃତ ବିଶ୍ଳେଷଣ କରାଯିବ । ଭବିଷ୍ୟତରେ ଇଏଏଲ୍ ପ୍ରଦାନକୁ ଅଧିକ ପ୍ରଭାବୀ ଢଙ୍ଗରେ ପର୍ଯ୍ୟାଲୋଚନା କରିବାକୁ ଏକ ସ୍ୱଷ୍ଟ ମାନକ କାର୍ଯ୍ୟକାରୀ ପଦ୍ଧତି ସହିତ ଜଣେ, ସମର୍ପିତ ଅବକାରୀ ଅଧିକାରୀଙ୍କୁ ନେଇ ଏକ ସତନ୍ତ୍ର ଇଏଏଲ୍ ଗୋଦାମ ସ୍ଥାପନ କରାଯାଇଥିବା (ମାର୍ଚ୍ଚ 2022) କଥା ମଧ୍ୟ ବିଭାଗ ବ୍ୟକ୍ତ କରିଥିଲେ (ଅପ୍ରେଲ 2022) ।

### *2.4.4 ଓଡ଼ିଶା ବାହାର ଯୋଗାଣକାରୀଙ୍କ ସମ୍ବନ୍ଧରେ ଇଏଏଲ୍ ଅବଶେଷ କମ୍ ଦର୍ଶାଯିବା*

ରାଜ୍ୟ ବାହାରେ ଅବସ୍ଥିତ 38 ଯୋଗାଣକାରୀଙ୍କ ମଧ୍ୟରୁ ନଅ ଯୋଗାଣକାରୀ ଡିସେମ୍ବର 2021 ସୁଦ୍ଧା କାର୍ଯ୍ୟକ୍ଷମ ନଥିଲେ । ଅଡିଟ୍ 2017-21 ଅବଧି ପାଇଁ ବାହ୍ୟ ଯୋଗାଣକାରୀଙ୍କ ଇଏଏଲ୍ ଆକାଉଣ୍ଟ ଯାଞ୍ଚ କରି ନିମ୍ନ ବିଷୟଗୁଡ଼ିକ ଲକ୍ଷ୍ୟ କଲେ:

- ରାଜ୍ୟ ବାହାର ଯୋଗାଣକାରୀଙ୍କ ସମ୍ବନ୍ଧିତ ଇଏଏଲ୍ ଗୁଡ଼ିକ ଓଏସ୍‌ବିସିଏଲ୍‌ରେ ଅବସ୍ଥାପିତ ଅବକାରୀ ଓଆଇସିଙ୍କ ହେପାଜତରେ ଥିଲା । ଓଏସ୍‌ବିସିଏଲ୍ ଦ୍ୱାରା ଅନୁରୋଧ କରାଯାଇଥିବା ଆବଶ୍ୟକତା ଆଧାରରେ ଓଆଇସି ଯୋଗାଣକାରୀଙ୍କୁ ଇଏଏଲ୍ ପ୍ରଦାନ କରିଥାନ୍ତି । ନିୟମ 158(କେ), ଇଏଏଲ୍‌ର ପ୍ରାପ୍ତି, ପ୍ରଦାନ, ବ୍ୟବହୃତ ଏବଂ ନଷ୍ଟର ପ୍ରଦର୍ଶନ ପୂର୍ବକ ଅବକାରୀ ଓ ଆଇସିଙ୍କ ଦ୍ୱାରା ଇଏଏଲ୍ ଆକାଉଣ୍ଟ ପ୍ରଚଳନ ଆବଶ୍ୟକ କରେ । ଅବଶ୍ୟ, ଅବକାରୀ ନିୟମ, 2017, ଅବକାରୀ ଓଆଇସି କିମ୍ବା ଯୋଗାଣକାରୀଙ୍କ ଦ୍ୱାରା ଇଏଏଲ୍ ଆକାଉଣ୍ଟ ପ୍ରଦାନ କରିବା ବିଷୟରେ ନୀରବ । ଇଏଏଲ୍ ଆକାଉଣ୍ଟ ଅନୁପସ୍ଥିତିରେ, ଯଦି ଅବକାରୀ ଓଆଇସି ଅନ୍ତତ ପକ୍ଷେ ଉତ୍ପାଦନ ୟୁନିଟରେ ବ୍ୟବହୃତ ଇଏଏଲ୍ ସଂଖ୍ୟା ଓଏସ୍‌ବିସିଏଲ୍ ସପକ୍ଷରେ ଘୋଷଣା କରିଥାନ୍ତେ, ଏହାର ଗୋଦାମରେ ପ୍ରକୃତରେ ପ୍ରାପ୍ତ ଉତ୍ପାଦ ସଂଖ୍ୟା ଯାଞ୍ଚ କରିପାରିଥାନ୍ତେ । ଏହିପରି ଏକ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଅନୁପସ୍ଥିତ ଥିଲା, ଏବଂ ଯଦି ଇଏଏଲ୍ ଆକାଉଣ୍ଟ୍ ପ୍ରଚଳନ କରାଯାଇଥାନ୍ତା ତେବେ ଏହାର ସମାଧାନ ହୋଇଥାନ୍ତା ।

- 2017-21 ଅବଧିରେ, 17 ଯୋଗାଣକାରୀଙ୍କ କ୍ଷେତ୍ରରେ ପ୍ରତିବର୍ଷ ଶେଷରେ ଏହି ଯୋଗାଣକାରୀଙ୍କ ଇଏଏଲ୍ ଅବଶେଷ ସଂପୃକ୍ତ ଅବକାରୀ ଓଆଇସିଙ୍କ ଦ୍ୱାରା ଯାଞ୍ଚ କରାଯାଇ ନଥିଲା, ଯେହେତୁ ଏହି ପଦବୀ 2017-21 ମଧ୍ୟରେ ଖାଲି ରହିଥିଲା । ଅଡିଟ୍ ଦ୍ୱାରା କରାଯାଇଥିବା ହିସାବ ଅନୁଯାୟୀ 31 ମାର୍ଚ୍ଚ 2021 ରେ ଓଆଇସିଙ୍କ ପାଖରେ ଇଏଏଲ୍‌ର ଅନ୍ତିମ ଅବଶେଷ 126.38 ଲକ୍ଷ ରହିବା କଥା ।

- ଅନ୍ୟ 12 ଯୋଗାଣକାରୀ, 31 ମାର୍ଚ୍ଚ 2021 ସୁଦ୍ଧା, ଇଏଏଲ୍ ର ଅବଶେଷ 22.47 ଲକ୍ଷ ଥିବା ଏସ୍ଇ, ଖୋର୍ଦ୍ଧାଙ୍କୁ ରିପୋର୍ଟ କରିଥିଲେ । ସେମାନଙ୍କର ପ୍ରାରମ୍ଭିକ ଅବଶେଷ, ପ୍ରଦାନ କରାଯାଇଥିବା ଇଏଏଲ୍, କ୍ଷତି ଏବଂ ଯୋଗାଇ ଦିଆଯାଇଥିବା ବୋତଲଗୁଡ଼ିକର ତୁଳନାରୁ, ଇଏଏଲ୍ ଗୁଡ଼ିକର ସମୁଦାୟ ଅନ୍ତିମ ଅବଶେଷ 61.06 ଲକ୍ଷ ହିସାବ କରାଯାଇଥିଲା । ଏହିପରି, ଯୋଗାଣକାରୀମାନେ 38.59 ଲକ୍ଷ ଇଏଏଲ୍‌ର କମ୍ ଅନ୍ତିମ ଅବଶେଷ ଘୋଷଣା କରିଥିଲେ ।

- ନଅଟି ଅଣ-କାର୍ଯ୍ୟକ୍ଷମ ଯୋଗାଣକାରୀଙ୍କ କ୍ଷେତ୍ରରେ, 2017-18 ପ୍ରାରମ୍ଭରେ ସେମାନଙ୍କ ସହିତ ଉପଲବ୍ଧ ଇଏଏଲ୍, ଏସ୍ଇ, ଖୋର୍ଦ୍ଧା ଦ୍ୱାରା ପରିଚାଳିତ ଇଏଏଲ୍ ରେଜିଷ୍ଟରରେ ଦେଖାଯାଇନଥିଲା । ଚାରିଜଣ ଯୋଗାଣକାରୀଙ୍କୁ 2017-21 ମଧ୍ୟରେ କୌଣସି ଇଏଏଲ୍ ପ୍ରଦାନ କରାଯାଇ ନଥିଲା କିମ୍ବା ସେମାନେ ତାଙ୍କ ପାଖରେ ଥିବା ଇଏଏଲ୍‌ର ଅବଶେଷ ପ୍ରଦାନ କରିନଥିଲେ । ଅବଶିଷ୍ଟ ପାଞ୍ଚ ଯୋଗାଣକାରୀ 2017-20 ମଧ୍ୟରେ ଯୋଗାଣ ପାଇଁ ସେମାନଙ୍କର ପଞ୍ଜୀକରଣ ନବୀକରଣ କରିନଥିଲେ ଏବଂ ଅଣ-କାର୍ଯ୍ୟକ୍ଷମ ହୋଇଥିଲେ । ସେମାନଙ୍କ ପାଖରେ ଥିବା ଇଏଏଲ୍‌ଗୁଡ଼ିକର ପ୍ରାରମ୍ଭିକ ଅବଶେଷର ପରିମାଣ ଅନୁପସ୍ଥିତିରେ, ଅଡିଟ୍ ସେମାନଙ୍କୁ ପ୍ରଦାନ କରାଯାଇଥିବା ଇଏଏଲ୍ ସହିତ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବୋତଲଗୁଡ଼ିକର ତୁଳନା କଲେ ଏବଂ ଜାଣିବାକୁ ପାଇଲେ ଯେ 2.70 ଲକ୍ଷ ଇଏଏଲ୍ ସେମାନଙ୍କ ପାଖରେ 21 ରୁ 45 ମାସ ପର୍ଯ୍ୟନ୍ତ ପଡ଼ିରହିଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ରାଜ୍ୟ ବାହାରେ ଅବସ୍ଥିତ ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ଇଏଏଲ୍‌ର ସମସ୍ୟା ଉପରେ ନଜର ରଖିବା ପାଇଁ ଓଏସ୍‌ବିସିଏଲ୍‌ରେ କୌଣସି ଅବକାରୀ ଅଫିସର ନିୟୋଜିତ ହୋଇନଥିଲେ । ଏହା ଦେଖାଗଲା ଯେ ଇଏଏଲ୍ ଆକାଉଣ୍ଟଗୁଡ଼ିକ ସଠିକ୍ ଭାବରେ ପ୍ରଚଳନ କରାଯାଉନଥିଲା, ଫଳସ୍ୱରୂପ ମାର୍ଚ୍ଚ 2021 ସୁଦ୍ଧା ଆଠଟି ଉତ୍ପାଦନ ୟୁନିଟ୍ ସମ୍ବନ୍ଧରେ 38.59 ଲକ୍ଷ ଇଏଏଲ୍ ଆକାଉଣ୍ଟ ବାହାରେ ରହିଥିଲା । ସେହିଭଳି, 17 ଟି ଉତ୍ପାଦନ ୟୁନିଟ୍ କ୍ଷେତ୍ରରେ ଇଏଏଲ୍ ଆକାଉଣ୍ଟ ପ୍ରସ୍ତୁତ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଇଏଏଲ୍ ଗୁଡ଼ିକର ଅପବ୍ୟବହାର ନ ହେବାକୁ ନିଶ୍ଚିତ କରିବା ପାଇଁ ଏକ ପୂର୍ଣ୍ଣକାଳୀନ ଅଧିକାରୀଙ୍କ ଅଭାବରୁ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ସହିତ ସାଲିସ୍ କରାଗଲା । ଇଏଏଲ୍ ଖାତାଗୁଡ଼ିକର ପ୍ରଚଳନ ନହେବା ସହିତ ହିସାବ ବହିର୍ଭୁତ ଇଏଏଲ୍ ଅପବ୍ୟବହାର ଆଶଙ୍କାକୁ ବୃଦ୍ଧି କରିଥାଏ, ଯାହା ବେଆଇନ ମଦ ବିସ୍ତାର ସହିତ ଅବକାରୀ ରାଜସ୍ୱ କ୍ଷତିକୁ ସହଜ କରିଥାଏ । ଓଡ଼ିଶା ବାହାରେ ଥିବା ଏହିଭଳି ବାହ୍ୟ ୟୁନିଟ୍ ଗୁଡ଼ିକ ପାଖରେ ଥିବା ପ୍ରକୃତ ଇଏଏଲ୍ ଷ୍ଟକ୍‌ର ଭୌତିକ ଯାଞ୍ଚ ପରିଚାଳନା କରିବା ନିମନ୍ତେ ଅବକାରୀ ବିଭାଗ ଏହାର ଅଧିକାରୀ ମାନଙ୍କୁ ନିୟୋଜିତ କରିନଥିଲେ, ଯଦିଓ ସମସ୍ତ ୟୁନିଟ୍ ଇଏଏଲ୍‌ର ଅନ୍ତିମ ଅବଶେଷ ଭଳି ମୌଳିକ ସୂଚନା ପ୍ରଦାନ କରୁନଥିଲେ ।

ବିଭାଗ ସ୍ୱୀକାର କରିଥିଲେ (ଅପ୍ରେଲ 2022) ଯେ ଓଏସ୍‌ବିସିଏଲ୍‌ରେ କୌଣସି ଅବକାରୀ ଅଧିକାରୀ ନିୟୋଜିତ ହୋଇନଥିଲେ ଏବଂ ବାହ୍ୟ ଉତ୍ପାଦନ ୟୁନିଟ୍ ଗୁଡ଼ିକ ଦ୍ୱାରା ରଖାଯାଇଥିବା ଇଏଏଲ୍ ଷ୍ଟକର ଭୌତିକ ଯାଞ୍ଚ ପାଇଁ ରାଜ୍ୟ ବାହାରେ କାହାରିକୁ ନିୟୋଜିତ କରାଯାଇ ନଥିଲା । ତେବେ, ବିଭାଗ ବ୍ୟକ୍ତ କରିଥିଲେ ଯେ ଓଡ଼ିଶା ବାହାରେ ଥିବା ଉତ୍ପାଦନ ୟୁନିଟ୍ ଗୁଡ଼ିକୁ ପ୍ରଦାନ କରାଯାଇଥିବା ଇଏଏଲ୍ ଗୁଡ଼ିକର ପର୍ଯ୍ୟାଲୋଚନା ପାଇଁ ଓଏସ୍‌ବିସିଏଲ୍‌ରେ ଏକ ଉପ-ଅବକାରୀ ଅଧୀକ୍ଷକ ପଦବୀ ଏବଂ ଏକ ଅବକାରୀ ନିରୀକ୍ଷକ ପଦବୀ ସୃଷ୍ଟି କରାଯାଇଥିଲା ( ମାର୍ଚ୍ଚ 2021) ଏବଂ ଏହି ପଦବୀ ଗୁଡ଼ିକ ଶୀଘ୍ର ପୂରଣ କରାଯିବ ।

## 2.5 ଅନ୍ୟାନ୍ୟ ରାଜସ୍ୱ କ୍ଷତି

### *2.5.1 ଅତିରିକ୍ତ ସମୟ କର୍ମସମ୍ପାଦନ ମୂଲ୍ୟର ଅନାଦାୟ*

ନିୟମ 79 ଅନୁଯାୟୀ, ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ରବିବାର ଏବଂ ଅନ୍ୟାନ୍ୟ ସାଧାରଣ ଛୁଟିଦିନରେ କାର୍ଯ୍ୟ ବନ୍ଦ ରହିବ । ଏହା ବ୍ୟତୀତ କୌଣସି ଅବକାରୀ ଅଧିକାରୀ କିମ୍ବା ତାଙ୍କର କୌଣସି କର୍ମଚାରୀ ଦିନକୁ ଆଠ ଘଣ୍ଟାରୁ ଅଧିକ ସମୟ ଡ୍ୟୁଟିରେ ରହିବା ଅନାବଶ୍ୟକ । ଯଦି ଏକ ଉତ୍ପାଦନ ୟୁନିଟ୍ ଏକ ରୁ ଅଧିକ ସିଫ୍ଟ କାର୍ଯ୍ୟ କରେ, ଅତିରିକ୍ତ ଅବକାରୀ କର୍ମଚାରୀ ନିୟୋଜିତ କରାଯିବ ଏବଂ ଏହିପରି ଅତିରିକ୍ତ କର୍ମଚାରୀ ବାବଦ ଘଣ୍ଟା ପ୍ରତି 3,000 ଟଙ୍କା ହାରରେ ଉକ୍ତ ୟୁନିଟ୍ ବହନ କରିବ । ଅଧିକନ୍ତୁ, ପ୍ରତ୍ୟେକ ଘଣ୍ଟାର ଅତିରିକ୍ତ କାର୍ଯ୍ୟ ପାଇଁ ୟୁନିଟ୍‌ରୁ ଆଦାୟ ହେବାକୁ ଥିବା ଓଭର ଟାଇମ୍ ଫି ସଂପୃକ୍ତ ଅଧିକାରୀଙ୍କ ଗୋଟିଏ ଦିନର ବେତନର ଏକ ପଞ୍ଚମାଂଶ ହେବ ।

ଅଡିଟ୍ 11 ଟି ପରୀକ୍ଷା ଯାଞ୍ଚ ମଦ ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ଅତିରିକ୍ତ ସମୟ କାର୍ଯ୍ୟ ଓ ଅତିରିକ୍ତ ଉତ୍ପାଦନ ସିଫ୍ଟ ସଂପର୍କିତ ରେକର୍ଡଗୁଡ଼ିକ ଯାଞ୍ଚ କଲା ଏବଂ ଲକ୍ଷ୍ୟ କଲା ଯେ:

- ମେସର୍ସ ଏସିଏସ୍ଆଇଏଲ୍, 2017-21 ଅବଧିରେ ନିର୍ଦ୍ଧାରିତ ସମୟ ବାହାରେ 6,351 ଘଣ୍ଟା କାର୍ଯ୍ୟ କରିଥିଲା । ତେଣୁ, ଉତ୍ପାଦନ ୟୁନିଟ୍ ଅତିରିକ୍ତ ଘଣ୍ଟାର କାର୍ଯ୍ୟ ଉପରେ ଦେୟ ହିସାବରେ 1.91 କୋଟି ଟଙ୍କା ଦେବାକୁ ଥିଲା । ଏହା ବିପକ୍ଷରେ, ଅବକାରୀ ଅଧୀକ୍ଷକଙ୍କ ଦ୍ୱାରା କେବଳ 30 ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା । ତେଣୁ, ଜାନୁଆରୀ 2022 ସୁଦ୍ଧା 1.61 କୋଟି ଟଙ୍କାର ଅତିରିକ୍ତ ସମୟ କାର୍ଯ୍ୟ ବାବଦ ମୂଲ୍ୟ ଅନାଦାୟ ରହିଲା ।
- ଏସିଏସ୍ଆଇଏଲ୍ କୁ ମଧ 2017-21 ମଧ୍ୟରେ ଏସିଏସ୍ଆଇଏଲ୍ରେ ଅବସ୍ଥାପିତ ପାଞ୍ଚ ଜଣ ଅବକାରୀ ଅଧିକାରୀ ଏବଂ ଦୁଇ ଜଣ ଅବକାରୀ କନେଷ୍ଟବଳଙ୍କ ପାଇଁ ନିର୍ଦ୍ଧାରିତ ଘଣ୍ଟାରୁ ଅଧିକ ଏହି 6,351 ଅତିରିକ୍ତ ଘଣ୍ଟା କାର୍ଯ୍ୟ ପାଇଁ 26.98 ଲକ୍ଷ ଟଙ୍କାର ଓଭର ଟାଇମ୍ ଫି ଦେବାକୁ ଥିଲା । କିନ୍ତୁ, ଜାନୁଆରୀ 2022 ସୁଦ୍ଧା ଅବକାରୀ ଅଧୀକ୍ଷକଙ୍କ ଦ୍ୱାରା ସେଥିପାଇଁ କୌଣସି ଦାବୀ ପତ୍ର ଜାରି କରାଯାଇ ନଥିଲା । ଏହିପରି, ଉତ୍ପାଦନ ୟୁନିଟ୍ ଠାରୁ 26.98 ଲକ୍ଷ ଟଙ୍କାର ଓଭର ଟାଇମ୍ ଫି ଆଦାୟ ହୋଇପାରି ନଥିଲା ।

ଏସିଏସ୍ଆଇଏଲ୍ ଠାରୁ ଆଦାୟ ହେବାକୁ ଥିବା ଅତିରିକ୍ତ ଘଣ୍ଟାର କାର୍ଯ୍ୟ ପାଇଁ ଓ ଅତିରିକ୍ତ ଉତ୍ପାଦନ ସିଫ୍ଟ ପାଇଁ ମୁତୟନ ଅବକାରୀ କର୍ମଚାରୀଙ୍କ ଅତିରିକ୍ତ ଘଣ୍ଟାର କାର୍ଯ୍ୟ ପାଇଁ ମୋଟ ଦେୟ 1.88 କୋଟି ଟଙ୍କା ହୋଇଥିଲା ।

ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ଅତିରିକ୍ତ ଘଣ୍ଟାର କାର୍ଯ୍ୟ ପାଇଁ ଦେୟ ଓ ଓଭର ଟାଇମ୍ ଫି ବାବଦ 1.88 କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କଥା ବିଭାଗ ବ୍ୟକ୍ତ କରିଥିଲେ (ଅପ୍ରେଲ 2022) ।

### *2.5.2 ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ଅବକାରୀ ଅଧିକାରୀ ଏବଂ କର୍ମଚାରୀ ମୁତୟନ ବାବଦ ପ୍ରତିଷ୍ଠାନ ମୂଲ୍ୟ ଆଦାୟ ନହେବା*

ନିୟମ 92 (1) (3) ଏବଂ 93 ଓ ଅବକାରୀ ବିଭାଗର ନିର୍ଦ୍ଦେଶନାମା (25 ଫେବୃଆରୀ 2015) ଅନୁଯାୟୀ, ଅବକାରୀ ଅଧିକାରୀ ଏବଂ କର୍ମଚାରୀ ମୁତୟନ ବାବଦ ପ୍ରତିଷ୍ଠାନ ମୂଲ୍ୟ ସଂପୃକ୍ତ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଏବଂ ବ୍ରିୱେରିରୁ ଆଦାୟ କରାଯିବ । ଯଦି ଏକ ଅବକାରୀ ଅଧିକାରୀ ଏକ ସମୟରେ ଏକ ରୁ ଅଧିକ ୟୁନିଟ୍ ର ତଦାରଖ ଦାୟିତ୍ୱରେ ନିଯୁକ୍ତ ହୁଅନ୍ତି, ତା'ହେଲେ ସଂପୃକ୍ତ ୟୁନିଟ୍ ଦ୍ୱାରା ପ୍ରତିଷ୍ଠାନ ମୂଲ୍ୟ ସମାନ ଭାବରେ ଭାଗ ହୋଇପାରେ । ସେମାନଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ସମୁଦାୟ ମୂଲ୍ୟ, ଏହିପରି କର୍ମଚାରୀଙ୍କ ପୂର୍ଣ୍ଣ ମୂଲ୍ୟର 50 ପ୍ରତିଶତରୁ ଅଧିକ ହେବ ନାହିଁ ।

ପ୍ରତିଷ୍ଠାନ ମୂଲ୍ୟ ଫେରସ୍ତ ସଂକ୍ରାନ୍ତୀୟ ନଥି ଗୁଡ଼ିକର ପରୀକ୍ଷାରୁ ଜଣାଗଲା ଯେ ଛଅ ଜଣ ଡିଇଓଙ୍କ[27] ଅଧିନରେ କାର୍ଯ୍ୟକ୍ଷମ ଥିବା 11 ଟି ଉତ୍ପାଦନ ୟୁନିଟ୍[28], ଚାରିଟି ଓଏସ୍‌ବିସି ଡିପୋ[29] ଓ ଗୋଟିଏ ଡିଷ୍ଟିଲାରୀ ୟୁନିଟ୍[30] ମଧ୍ୟରୁ 38 ଜଣ ଅବକାରୀ ଅଧିକାରୀ ଓ 10 ଜଣ କନେଷ୍ଟବଳ ଚାରିଟି ମଦ ଉତ୍ପାଦନ ୟୁନିଟ୍[31], ଚାରିଟି ଓଏସ୍‌ବିସି ଡିପୋ ଏବଂ ଗୋଟିଏ ଡିଷ୍ଟିଲାରିରେ କାର୍ଯ୍ୟକାରିତାର ପର୍ଯ୍ୟାଲୋଚନା ପାଇଁ 2017-21 ଅବଧିରେ ଅବସ୍ଥାପିତ ହୋଇଥିଲେ । ଏହି ସମୟ ମଧ୍ୟରେ ଦରମା ଏବଂ ଭତ୍ତା ବାବଦରେ ସେମାନଙ୍କୁ 1.42 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । କିନ୍ତୁ, ଡିସେମ୍ବର 2021 ସୁଦ୍ଧା ସଂପୃକ୍ତ ୟୁନିଟ୍ ଗୁଡ଼ିକରୁ ଏହି ପ୍ରତିଷ୍ଠାନ ମୂଲ୍ୟ ଫେରସ୍ତ ପାଇଁ ଡିଇଓମାନେ ଦାବି ଉତ୍ଥାପନ କରିନଥିଲେ ।

---

[27] ଆସ୍କା କୋ-ଅପରେଟିଭ୍ ସୁଗାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଡେନ୍‌ଜଙ୍ଗ୍ ବ୍ରିୱେରୀ, ଫର୍ଚ୍ୟୁନ୍ ସ୍ପିରିଟ୍, କ୍ୱାଲିଟୀ ବଟଲିଙ୍ଗ୍, ମାଇକାଲ୍ ବ୍ରିୱେରୀ, ଓରିଏଣ୍ଟାଲ୍ ବଟଲିଙ୍ଗ୍, ଶକ୍ତି ମାଲତାର ଏବଂ ଲେମୋନେଡ୍, ଏସ୍ଓଏମ୍ ବ୍ରିୱେରୀ, ତ୍ରିନାଥ ସ୍ମାର୍ଟ ପ୍ୟାକ୍, ୟୁନାଇଟେଡ୍ ବ୍ରିୱେରୀ ଏବଂ ୟୁନାଇଟେଡ୍ ସ୍ପିରିଟ୍ ଗୋପାଳପୁର

[28] ଓଏସ୍‌ବିସି ଡିପୋଟ ନିର୍ଗୁଣ୍ଡି କଟକ, ଓଏସ୍‌ବିସି ଡିପୋଟ ବଲାଙ୍ଗୀର, ଓଏସ୍‌ବିସି ଡିପୋଟ କାନିଶୀ ଗଞ୍ଜାମ ଓ ଓଏସ୍‌ବିସି ଡିପୋଟ ଖୋର୍ଦ୍ଧା

[29] ବ୍ରହ୍ମପୁର, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ(ଛତ୍ରପୁର) ଏବଂ ଖୋର୍ଦ୍ଧା

[30] ଶକ୍ତି ସୁଗାର ଲିମିଟେଡ୍, ଢେଙ୍କାନାଳ

[31] ଏସିଏସ୍ଆଇଏଲ୍ (ଆସ୍କା), ମାଇକାଲ୍ ବ୍ରିପେରୀ (ବଲାଙ୍ଗୀର), ଫର୍ଚ୍ୟୁନ୍ ସ୍ପିରିଟ୍ (ଗୋପାଳପୁର) ଏବଂ ୟୁନାଇଟେଡ୍ ସ୍ପିରିଟ୍ (ଗୋପାଳପୁର)

ବିଭାଗ ବ୍ୟକ୍ତ କରିଥିଲା (ଅପ୍ରେଲ 2022) ଯେ:

- ଗୋଟିଏ ୟୁନିଟ୍ (ମେସର୍ସ ୟୁଏସ୍ଏଲ୍, ଗୋପାଳପୁର) ପ୍ରତିଷ୍ଠାନ ଦେୟ ଜମା କରିଥିଲେ (ଫେବୃଆରୀ 2022)।
- ଦୁଇଟି ୟୁନିଟ୍ (ମେସର୍ସ ଫର୍ଚୁନ୍ ସ୍ପିରିଟ୍ସ ଲିମିଟେଡ୍, ଗୋପାଳପୁର ଓ ମେସର୍ସ ଏସିଏସ୍ଆଇଏଲ୍ , ଆସ୍କା) ନିକଟରେ ପ୍ରତିଷ୍ଠାନ ଦେୟ ଜମା କରିବା ନିମନ୍ତେ ଦାବି ଉତ୍ଥାପନ କରାଯାଇଥିଲା (ଜାନୁଆରୀ ଓ ଫେବୃଆରୀ 2022)।
- ଗୋଟିଏ ୟୁନିଟ୍ (ମେସର୍ସ ଶକ୍ତି ସୁଗାରସ୍ ଲିମିଟେଡ୍, ଢେଙ୍କାନାଳ) ପ୍ରତିଷ୍ଠାନ ଦେୟ ଜମା ପାଇଁ ଉଠାଯାଇଥିବା ଦାବୀ ବିରୁଦ୍ଧରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ।

ଗୋଟିଏ ବିୟର ଉତ୍ପାଦନ ୟୁନିଟ୍ (ମେସର୍ସ ମାଇକାଲ୍ ବ୍ରିୱେରି, ବଲାଙ୍ଗୀର) ଓ ଚାରିଟି ଓଏସ୍ବିସିଏଲ୍ ଡିପୋ କ୍ଷେତ୍ରରେ କୌଣସି ଜବାବ୍ ଉପସ୍ଥାପନ କରାଯାଇ ନଥିଲା।

### *2.5.3 ପ୍ରତିରକ୍ଷା ନାଗରିକ ସଂଗଠନକୁ ସାମରିକ କ୍ୟାଣ୍ଟିନ୍ ଲାଇସେନ୍ସ ପ୍ରଦାନ ହେତୁ ସରକାରୀ ରାଜସ୍ୱ କ୍ଷତି*

2017-18 ରୁ 2020-21 ବର୍ଷ ପାଇଁ ବାର୍ଷିକ ଅବକାରୀ ନୀତି ଅନୁଯାୟୀ, ସାମରିକ କ୍ୟାଣ୍ଟିନ୍ ପାଇଁ ଉଦ୍ଦିଷ୍ଟ ଆଇଏମ୍ଏଫ୍ଏଲ୍ ଏବଂ ବିୟର ଉପରେ ଧାର୍ଯ୍ୟ ଶୁଳ୍କ ଅବକାରୀ ବ୍ୟବହାର ପାଇଁ ଧାର୍ଯ୍ୟ ଶୁଳ୍କ ତୁଳନାରେ କମ୍ ସ୍ଥିର କରାଯାଇଥିଲା । ବାର୍ଷିକ ଲାଇସେନ୍ସ ଦେୟ ପ୍ରଦାନରେ ସାଧାରଣ ସାମରିକ କ୍ୟାଣ୍ଟିନଗୁଡ଼ିକର ଲାଇସେନ୍ସ ନବୀକରଣ କରାଯାଉଥିଲା।

ଅଡିଟ୍ ଲକ୍ଷ୍ୟ କଲା ଯେ ଯୁଗ୍ମ ନିର୍ଦ୍ଦେଶକ, କ୍ୟାଣ୍ଟିନ୍ ସେବା, ପ୍ରତିରକ୍ଷା ମନ୍ତ୍ରାଳୟର (ଏମ୍ଓଡି) ଇଣ୍ଟିଗ୍ରେଟେଡ୍ ହେଡ୍କ୍ୱାର୍ଟର, ନୂଆଦିଲ୍ଲୀ ସ୍ପଷ୍ଟ କରିଥିଲେ (ଜୁଲାଇ 2017) ଯେ ପ୍ରତିରକ୍ଷା-ସାଧାରଣ ନାଗରିକ ପ୍ରତିଷ୍ଠାନ[32] ମଦ ବିକ୍ରୟ ପାଇଁ ଅଧିକୃତ ନୁହଁନ୍ତି । ପ୍ରତିରକ୍ଷା-ସିଭିଲ୍ ୟୁନିଟ୍ ପରିଚାଳିତ କ୍ୟାଣ୍ଟିନ ଗୁଡ଼ିକର ଏକ ତାଲିକା ମଧ ସୂଚିତ କରାଯାଇଥିଲା, ଯେଉଁଥିରେ ବରିଷ୍ଠ ଗୁଣବତ୍ତା ନିଶ୍ଚିତତା ପ୍ରତିଷ୍ଠାନ (ଅସ୍ତ୍ରଶସ୍ତ୍ର), ବଡ଼ମାଳ ଅନ୍ତର୍ଭୁକ୍ତ ଥିଲା। ଏହା ସତ୍ତ୍ୱେ, ଡିଇଓ, ବଲାଙ୍ଗୀର ଉପରୋକ୍ତ ପ୍ରତିଷ୍ଠାନକୁ 31 ମାର୍ଚ୍ଚ 2018 ଏବଂ 29 ମାର୍ଚ୍ଚ 2019 ରେ ସାମରିକ କ୍ୟାଣ୍ଟିନ୍ ଲାଇସେନ୍ସ ପ୍ରଦାନ କରିଥିଲେ। ଅଡିଟ୍ ଲକ୍ଷ୍ୟ କଲେ ଯେ, 2018-19 ଏବଂ 2019-20 ମଧ୍ୟରେ ଏହି ପ୍ରତିଷ୍ଠାନ ସବ୍ସିଡି ହାରରେ ଅର୍ଥାତ୍ ପ୍ରଯୁଜ୍ୟ ଇଡିର 70 ପ୍ରତିଶତରେ ଇଡି ଜମା କରି 18,555.25 ଏଲ୍ପିଏଲ୍ ଆଇଏମ୍ଏଫ୍ଏଲ୍ ଓ 93.60 ବିଏଲ୍ ଓଏସ୍ବିସିଏଲ୍ ଡିପୋରୁ ଉଠାଇଥିଲେ, ଫଳରେ ରାଜସ୍ୱ କ୍ଷତି ହୋଇଥିଲା।

ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2022) ଯେ, ଅଡିଟ୍ ଦର୍ଶାଇଥିବା ଅନୁଯାୟୀ, 75.35 ଲକ୍ଷ ଟଙ୍କାର ଭେଦାତ୍ମକ ଇଡି ଜମା କରିବାକୁ ଦାବୀପତ୍ର ପ୍ରଦାନ କରାଯାଇଥିଲା (ଅପ୍ରେଲ 2022)।

### *2.5.4 ଖୁଚୁରା ବ୍ୟବସାୟୀଙ୍କ ଦ୍ୱାରା ବିକ୍ରୟ ଖାତାର ପ୍ରଚଳନରେ ଅନିୟମିତତା ଫଳରେ ବନ୍ଦ ଥିବା ଖୁଚୁରା ଆଇଏମ୍ଏଫ୍ଏଲ୍ ଦୋକାନରୁ ସ୍ୱତନ୍ତ୍ର କୋଭିଡ୍ ଫି (ଏସ୍ସିଏଫ୍) ଆଦାୟରେ ସ୍ୱଳ୍ପତା*

ଅବକାରୀ ଆୟୁକ୍ତ, ଓଡ଼ିଶା (ନଭେମ୍ବର 1998) ନିର୍ଦ୍ଦେଶନାମା ଜାରି କରିଥିଲେ ଯେ ଡିଇଓମାନେ ଖୁଚୁରା ବ୍ୟବସାୟୀମାନଙ୍କ ଦ୍ୱାରା ଗଚ୍ଛିତ ଏବଂ ବିକ୍ରୟ ରେଜିଷ୍ଟରର ପ୍ରଚଳନକୁ ନିଶ୍ଚିତ କରିବେ, ଯେଉଁଥିରେ ପ୍ରକାରୱାରୀ, ମାର୍କାୱାରୀ ଏବଂ ଆକାରୱାରୀ ବିବରଣୀ ଉଲ୍ଲେଖ ରହିବ । ଅବକାରୀ ବିଭାଗ, ଓଡ଼ିଶା ସରକାର ସମସ୍ତ ଏଫ୍ଏମ୍ଏଫ୍ଏଲ୍, ଆଇଏମ୍ଏଫ୍ଏଲ୍, ବିଅର ଇତ୍ୟାଦି ଉପରେ ସ୍ୱତନ୍ତ୍ର କୋଭିଡ୍ ଫି (ଏସ୍ସିଏଫ୍) ଆଦାୟ ପାଇଁ ବିଜ୍ଞପ୍ତି ଜାରି କରିଥିଲେ (23 ମଇ 2020)। କୋଭିଡ-19 ମହାମାରୀ ସଂକ୍ରମଣକୁ ପରିଚାଳନା କରିବା ପାଇଁ ଜବାବି ପଦକ୍ଷେପ ହେତୁ ହୋଇଥିବା ଖର୍ଚ୍ଚକୁ ଭରଣା କରିବା ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି କରିବାକୁ ଏହି ଫିସ୍ ଲାଗୁ କରାଯିବାର ଥିଲା। ବନ୍ଦ ଏବଂ ଖୋଲା ଆଇଏମ୍ଏଫ୍ଏଲ ଦୋକାନ ଗୁଡ଼ିକର ଲାଇସେନ୍ସ ଧାରୀମାନଙ୍କ ନିକଟରେ 24 ମାର୍ଚ୍ଚ 2020 ସୁଦ୍ଧା (କୋଭିଡ୍-19 ମହାମାରୀ ସଂକ୍ରମଣର ପ୍ରତିରୋଧ ପାଇଁ ଲାଗୁ କରାଯାଇଥିବା

[32] ଅଣସଂଘର୍ଷରତ ଅଧିକାରୀ ଓ କର୍ମଚାରୀ ଯୁକ୍ତ ପ୍ରତିରକ୍ଷା ପ୍ରତିଷ୍ଠାନ ଯଥା ଗୋଳାବାରୁଦ କାରଖାନା

ଲକ୍‌ଡାଉନ୍ ତାରିଖ) ବିକ୍ରି ନ ହୋଇ ରହିଥିବା ଷ୍ଟକ୍ ଉପରେ ଧାର୍ଯ୍ୟ ଏସ୍‌ସିଏଫ୍‌କୁ ଜମା କରିବା ପାଇଁ ମଧ୍ୟ ଅବକାରୀ ଆୟୁକ୍ତ ନିର୍ଦ୍ଦେଶ ଜାରି କରିଥିଲେ (26 ମଇ 2020) । ଏହା ମଧ୍ୟ ସ୍ପଷ୍ଟ କରାଯାଇଥିଲା (01 ଜୁନ୍ 2020) ଯେ ଖୁଚୁରା ବ୍ୟବସାୟୀମାନଙ୍କ ନିକଟରେ ଥିବା ଷ୍ଟକ୍ ଯାଞ୍ଚ କରିବା ବେଳେ, ଓଏସ୍‌ବିସିଏଲ୍ ଡିପୋରୁ ଉଠାଯାଇଥିବା ଶେଷ ଷ୍ଟକ୍ ଏବଂ ଖୁଚୁରା ବ୍ୟବସାୟୀଙ୍କର ଦୈନିକ ହାରାହାରି ବିକ୍ରିକୁ ବିଚାରକୁ ନିଆଯିବ ।

ଅଡିଟ୍, ପାଞ୍ଚଟି ଡିଇଓ[33] ଅଧୀନରେ ଥିବା 31 ଟି ଖୁଚୁରା ମଦ ଦୋକାନର ବିକ୍ରୟ ରେଜିଷ୍ଟର ଯାଞ୍ଚ କଲା ଏବଂ ଲକ୍ଷ୍ୟ କଲା ଯେ:

- ମଦ ଦ୍ରବ୍ୟର ମୂଲ୍ୟ ସମସ୍ତ ବ୍ରାଣ୍ଡ ଏବଂ ସମସ୍ତ ଆକାରର ବୋତଲ/ କ୍ୟାନ୍ ପାଇଁ ଭିନ୍ନ ଥିଲା ।
- ଖୁଚୁରା ବ୍ୟବସାୟୀମାନଙ୍କ ଦ୍ୱାରା ମାର୍କାଓ୍ୱାରୀ ବିକ୍ରୟ ଖାତାର ପ୍ରଚଳନ କରାଯାଇନଥିଲା । ତେଣୁ, 24 ମାର୍ଚ୍ଚ 2020 ସୁଦ୍ଧା ଅନ୍ତିମ ଅବଶେଷ ପରିମାଣକୁ ଆଧାର କରି ପ୍ରତ୍ୟେକ ଖୁଚୁରା ବ୍ୟବସାୟୀଙ୍କ ଉପରେ ଏସ୍‌ସିଏଫ୍ ର ସଠିକ୍ ହିସାବ କରିବା ସମ୍ଭବ ନଥିଲା ।
- ଖୁଚୁରା ବିକ୍ରୟ ସ୍ଥଳରେ ବିଭାଗ ପ୍ରଦତ୍ତ ପଏଣ୍ଟ ଅଫ୍ ସେଲ୍ ମେସିନର ବାଧ୍ୟତାମୂଳକ ବ୍ୟବହାର ସମର୍ଥିତ ସଫ୍ଟୱେୟାର ଗୁଡ଼ିକ ଦିଲ୍ଲୀ ଓ ପଞ୍ଜାବ ସମେତ ଅନେକ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି । ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ କୌଣସି ସଫ୍ଟୱେୟାର ଆପ୍ଲିକେସନ୍ କାର୍ଯ୍ୟକାରୀ କରିନାହାଁନ୍ତି, ଯାହାକୁ ଲାଇସେନ୍ସପ୍ରାପ୍ତ ଖୁଚୁରା ବ୍ୟବସାୟୀଙ୍କ ପାଇଁ ଏବଂ ସେମାନଙ୍କର ଷ୍ଟକ୍ ସ୍ଥିତିକୁ ଦୈନିକ ଭିତ୍ତିରେ ଅଦ୍ୟତନ କରିବା ପାଇଁ ବାଧ୍ୟତାମୂଳକ । ଫଳସ୍ୱରୂପ, ପ୍ରତ୍ୟେକ ଖୁଚୁରା ବିକ୍ରୟ ସ୍ଥଳରେ ଗଚ୍ଛିତ ଏବଂ ବିକ୍ରୟ ପରିମାଣ ଉପରେ ବିଭାଗ ନିକଟରେ କୌଣସି ବାସ୍ତବ-ସମୟ ସୂଚନା ଉପଲବ୍ଧ ନଥିଲା ।
- 24 ମାର୍ଚ୍ଚ 2020 ରେ ଲକ୍‌ଡାଉନ୍ ଲାଗୁ ହେତୁ ଖୁଚୁରା ବ୍ୟବସାୟୀ 24 ମଇ 2020 ପର୍ଯ୍ୟନ୍ତ ବନ୍ଦ ରହିଥିଲା । 24 ମାର୍ଚ୍ଚ 2020 ସୁଦ୍ଧା ଅର୍ଥାତ୍ ଦୁଇ ମାସ ପୂର୍ବର ଅନ୍ତିମ ଅବଶେଷ ଖୁଚୁରା ବ୍ୟବସାୟ ପୁନର୍ବାର ଖୋଲାହେବା ପୂର୍ବରୁ ସଂଗ୍ରହ କରାଯାଇ ନଥିଲା ।
- 31 ଟି ପରୀକ୍ଷା ଯାଞ୍ଚ ହୋଇଥିବା ଖୁଚୁରା ବ୍ୟବସାୟୀଙ୍କ କ୍ଷେତ୍ରରେ, ମାର୍ଚ୍ଚ 2020 ପାଇଁ ବିକ୍ରୟ ଖାତାରେ ରେକର୍ଡ ହୋଇଥିବା ଏଣ୍ଟ୍ରିଗୁଡ଼ିକରେ ଉଲ୍ଲେଖଯୋଗ୍ୟ ସଂଶୋଧନ, ଲେଖା ଉପରେ ଲେଖା ଏବଂ ପରିବର୍ତ୍ତନ କରାଯାଇଥିଲା । ଏହିପରି ସଂଶୋଧନ, ଲେଖା ଉପରେ ଲେଖା ଏବଂ ପରିବର୍ତ୍ତନଗୁଡ଼ିକର ପ୍ରଭାବ ହେଲା ଯେ 24 ମାର୍ଚ୍ଚ 2020 ସୁଦ୍ଧା ରେକର୍ଡ ହୋଇଥିବା ଅନ୍ତିମ ଅବଶେଷ ଏହି କ୍ଷେତ୍ରରେ ନଗଣ୍ୟ ଥିଲା ।
- ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକର ଷ୍ଟକର ଭୌତିକ ଯାଞ୍ଚ 25 ମଇ 2020 ରେ କରାଯାଇଥିବା କଥା ବ୍ୟକ୍ତ କରାଯାଇଥିଲା ଏବଂ ସେହି ଦିନ ଉପଲବ୍ଧ ଭୌତିକ ଷ୍ଟକ ଆଧାରରେ ଏସ୍‌ସିଏଫ୍ ଆଦାୟ କରାଯାଇଥିଲା ବୋଲି କୁହାଯାଇଥିଲା ।

ଏସ୍‌ସିଏଫ୍‌ର ଆଦାୟ ଓ ଜମାକୁ ଏଡ଼ାଇବା ପାଇଁ ଖୁଚୁରା ବିକ୍ରେତାଙ୍କ ଦ୍ୱାରା ବିକ୍ରୟ ଖାତାର କାରସାଦି ଅନୁସନ୍ଧାନ କରାଯିବା ଆବଶ୍ୟକ । ମାର୍କା-ଓ୍ୱାରୀ ବିକ୍ରୟ ରେଜିଷ୍ଟର କିମ୍ବା ଖୁଚୁରା ଆଉଟଲେଟରେ ଦୈନିକ ଷ୍ଟକ୍ ଏବଂ ବିକ୍ରୟ ରେକର୍ଡ କରିବା ପାଇଁ ଏକ ସଫ୍ଟୱେୟାରର ଅନୁପସ୍ଥିତିରେ, ବିଭାଗ ଦୁଇ ମାସ ପରେ, 25 ମଇ 2020 ରେ କରାଯାଇଥିବା ଭୌତିକ ଯାଞ୍ଚ ଆଧାରରେ ଏସ୍‌ସିଏଫ୍ ଆଦାୟ କରିବାକୁ ବାଧ୍ୟ ହେଲା, ଯାହାଫଳରେ, ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ କ୍ଷତି ହୋଇଥିଲା ।

## 2.6 ପର୍ଯ୍ୟବେକ୍ଷଣ ଏବଂ ପ୍ରବର୍ତ୍ତନ

ମଦ ଉତ୍ପାଦନ ୟୁନିଟ୍ ଏବଂ ବ୍ୟବସାୟୀଙ୍କ ଅବକାରୀ ନିୟମ ଅନୁପାଳନ ଉପରେ ପର୍ଯ୍ୟାଲୋଚନା ଓ ପ୍ରବର୍ତ୍ତନ ପାଇଁ ପର୍ଯ୍ୟାପ୍ତ ମାନବସମ୍ବଳ ଆବଶ୍ୟକ । ଯେହେତୁ ଅବକାରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କର ମୁଖ୍ୟ କାର୍ଯ୍ୟ

[33] ବ୍ରହ୍ମପୁର, ବଲାଙ୍ଗୀର, କଟକ, ଢେଙ୍କାନାଳ ଏବଂ ଖୋର୍ଦ୍ଧା

ହେଉଛି ପର୍ଯ୍ୟବେକ୍ଷଣ ଏବଂ ପ୍ରବର୍ତ୍ତନ, ତେଣୁ ଆବଶ୍ୟକ ମାନବ ସମ୍ବଳର ପର୍ଯ୍ୟାପ୍ତତା ଏକ ଜରୁରୀ ଆବଶ୍ୟକତା । ଅଡିଟ୍, ମାନବ ସମ୍ବଳର ଉପଲବ୍ଧତାକୁ ବିଶ୍ଳେଷଣ କଲା ଏବଂ ନିମ୍ନଲିଖିତ ବିଷୟ ଲକ୍ଷ୍ୟ କଲା :

### 2.6.1 ଉତ୍ପାଦନ ୟୁନିଟ୍‌ରେ ପୂର୍ଣ୍ଣକାଳୀନ ଅବକାରୀ ଅଧିକାରୀ ନିୟୋଜନରେ ଅନୁପସ୍ଥିତି

ଓଡ଼ିଶା ଅବକାରୀ ନିୟମର ନିୟମ 93 ଅନୁଯାୟୀ, ମଦ ଦ୍ରବ୍ୟର ଉତ୍ପାଦନ, ସଂରକ୍ଷଣ ଏବଂ ପଠାଇବା ସମ୍ବନ୍ଧୀୟ ଦିଗ ଉପର ନଜର ରଖିବା ପାଇଁ ପ୍ରତ୍ୟେକ ଗୋଦାମ, ଉତ୍ପାଦନ ୟୁନିଟ୍ ପରିସର କିମ୍ବା ଷ୍ଟୋର ରୁମ୍‌ରେ ଚାଲିଥିବା କାର୍ଯ୍ୟର ସଠିକ୍ ତଦାରଖ ପାଇଁ ଅବକାରୀ ଅଧିକାରୀ ଏବଂ ଅବକାରୀ କର୍ମଚାରୀଙ୍କୁ ଅବକାରୀ ଆୟୁକ୍ତ ନିଯୁକ୍ତ କରିବେ । ଅଡିଟ୍ 2017-18 ରୁ 2020-21 ମଧ୍ୟରେ 11 ଟି ନମୁନା ଯାଞ୍ଚ ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ଅବକାରୀ ଅଧିକାରୀଙ୍କ ମୁତୟନ ବିବରଣୀ ସମୀକ୍ଷା କରିଥିଲେ ଏବଂ ଲକ୍ଷ୍ୟ କଲେ ଯେ 10 ଟି ୟୁନିଟରେ ତିନି ରୁ 48 ମାସ ମଧ୍ୟରେ କୌଣସି ପୂର୍ଣ୍ଣକାଳୀନ ଏବଂ ସ୍ଵତନ୍ତ୍ର ଅବକାରୀ ଅଧିକାରୀ ମୁତୟନ କରାଯାଇ ନଥିଲେ ।

ଆହୁରି ମଧ୍ୟ, ପ୍ରତି ବର୍ଷ ଚାରିଟି ପରୀକ୍ଷା ଯାଞ୍ଚ ଜିଲ୍ଲାରେ ପ୍ରବର୍ତ୍ତନ କାର୍ଯ୍ୟକଳାପ ପରିଚାଳନା ପାଇଁ ଅନୁମୋଦିତ 297 ଅବକାରୀ ଅଧିକାରୀଙ୍କ ବିପକ୍ଷରେ କାର୍ଯ୍ୟରତ ସଂଖ୍ୟା 2017-18, 2018-19, 2019-20 ଓ 2020-21 ଶେଷରେ ଯଥାକ୍ରମେ କେବଳ 246, 242, 231 ଓ 243 ଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଅବକାରୀ ଓଆଇସି ପଦବୀଗୁଡ଼ିକ ଦୀର୍ଘ ସମୟ ଧରି ପୂରଣ ନହେବା ଏବଂ ଅନ୍ୟ ଅଧିକାରୀମାନଙ୍କୁ ଅତିରିକ୍ତ କାର୍ଯ୍ୟ ଭାବରେ ଦାୟିତ୍ଵ ପ୍ରଦାନ କରିବା ଫଳରେ ଏହି ଅଧିକାରୀମାନଙ୍କ ଉପରେ ଉଲ୍ଲେଖଯୋଗ୍ୟ ଭାବରେ ଅତିରିକ୍ତ ଦାୟିତ୍ଵ ପଡୁଥିଲା । ଫଳସ୍ଵରୂପ, ଉତ୍ପାଦନ ୟୁନିଟ୍‌ଗୁଡିକରେ ଅବସ୍ଥାପିତ ଅବକାରୀ ଅଧିକାରୀମାନେ ଫଳପ୍ରଦ ଭାବରେ ସେମାନଙ୍କର ପର୍ଯ୍ୟବେକ୍ଷଣୀୟ କାର୍ଯ୍ୟ ନିର୍ବାହ କରିପାରିନଥିଲେ ଏବଂ ଏହି ୟୁନିଟ୍ ଗୁଡ଼ିକରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରକ୍ରିୟା ଦୁର୍ବଳ ହୋଇଥିଲା ।

ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2022) ଯେ:

- ମଦ ଦ୍ରବ୍ୟଗୁଡ଼ିକର ଯୋଗାଣ ଶୃଙ୍ଖଳର ଫଳପ୍ରଦ ତଦାରଖ ନିମନ୍ତେ କର୍ମଚାରୀଙ୍କ ସ୍ଵଳ୍ପତା ସମସ୍ୟାର ସମାଧାନ କରିବାକୁ 545 ଟି ଅବକାରୀ ଅଧିକାରୀ ପଦବୀ ସୃଷ୍ଟି ପାଇଁ ପ୍ରସ୍ତାବ ପ୍ରସ୍ତୁତ କରାଯାଇଥିଲା (ଫେବୃଆରୀ 2022) ।
- 2021-22 ରେ 87 ଜଣ ଅବକାରୀ ଉପନିରୀକ୍ଷକ ଓ 392 ଜଣ ଅବକାରୀ କନେଷ୍ଟବଳ ନିଯୁକ୍ତି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

### 2.6.2 ଯୋଗାଣ ଶୃଙ୍ଖଳ ନିୟନ୍ତ୍ରଣ ସହିତ ଜଡ଼ିତ ପ୍ରମୁଖ କର୍ମଚାରୀଙ୍କ ନିଯୁକ୍ତି ଏବଂ କର୍ମଚାରୀଙ୍କ କାର୍ଯ୍ୟକାଳରେ ତ୍ରୁଟି

ଓଡ଼ିଶା ଅବକାରୀ ନିୟମ, 2017 ର ନିୟମ 158 ଓ ରାଜସ୍ଵ ପର୍ଷଦର 1 ଫେବୃଆରୀ 2002 ର ବିଜ୍ଞପ୍ତି ଅନୁଯାୟୀ ଅବକାରୀ ଅଧୀକ୍ଷକ, ଖୋର୍ଦ୍ଧା ରାଜ୍ୟ ଭିତରେ କାର୍ଯ୍ୟକାରୀ ହେଉଥିବା ଡିଷ୍ଟିଲେରୀ, ବଟଲିଂ ପ୍ଲାଣ୍ଟ/ ବ୍ରିଓ୍ଵେରୀ ଗୁଡ଼ିକର ଓଆଇସିଙ୍କୁ ବିତରଣ କରିବା ପାଇଁ ଛପାଯାଇଥିବା ଇଏଏଲ୍ ଗୁଡ଼ିକୁ ତାଙ୍କର ସୁରକ୍ଷିତ ହେପାଜତରେ ରଖିବେ ଏବଂ ବାହାର ରାଜ୍ୟରୁ ଆମଦାନୀ ହେଉଥିବା ଆଇଏମ୍‌ଏଫ୍‌ଏଲ୍ ଓ ବିଅର ପାଇଁ ଇଏଏଲ୍ ଗୁଡ଼ିକର ପ୍ରାପ୍ତି ଓ ବିତରଣ ପାଇଁ ଆୟୁକ୍ତ ଓଏସ୍‌ବିସିଏଲ୍‌ରେ ଅବକାରୀ ନିରୀକ୍ଷକ (ନିରୀକ୍ଷକ) ପାହ୍ୟାର ଜଣେ ଅଧିକାରୀଙ୍କୁ ନିଯୁକ୍ତି ଦେବେ । କୌଣସି ବୋତଲ/ କ୍ୟାନ୍, ଇଏଏଲ୍ ବିନା ପ୍ରାପ୍ତି ହୋଇ ଓଏସ୍‌ବିସିଏଲ୍ ଡିପୋକୁ ନିଆଯାଇଥିବାକୁ ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ରପ୍ତାନୀ ପରମିଟ୍ କ୍ଷେତ୍ରରେ ଓଏସ୍‌ବିସିଏଲ୍ ନିରୀକ୍ଷକଙ୍କୁ ପରମିଟ୍ ପ୍ରଦାନ ସହିତ ଆବଶ୍ୟକୀୟ ଇଏଏଲ୍ ପ୍ରଦାନ ପାଇଁ ଏକ ଅନୁରୋଧ ପତ୍ର ପ୍ରଦାନ କରିବେ । ଅଡିଟ୍ ଲକ୍ଷ୍ୟ କଲେ ଯେ, ବାହାର ରାଜ୍ୟରେ ଅବସ୍ଥିତ ଉତ୍ପାଦନ ୟୁନିଟ୍ ଗୁଡିକୁ ପ୍ରଦାନ କରାଯାଉଥିବା ଇଏଏଲ୍‌ର ତଦାରଖ ପାଇଁ କୌଣସି ପୂର୍ଣ୍ଣକାଳୀନ ଅବକାରୀ ଅଧିକାରୀ ନିୟୋଜିତ ହୋଇନଥିଲେ । ଜଣେ ପୂର୍ଣ୍ଣକାଳୀନ ଅବକାରୀ ଅଧିକାରୀଙ୍କ ଅଭାବ ହେତୁ ଇଏଏଲ୍‌ର ଅପବ୍ୟବହାର ନହେବାକୁ ନିଶ୍ଚିତ କରିବା ପାଇଁ ଅତି ଗୁରୁତ୍ଵପୂର୍ଣ୍ଣ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ସାଲିସ୍ କରାଯାଇଥିଲା ।

ରାଜ୍ୟ ବାହାରେ ଅବସ୍ଥିତ ଉତ୍ପାଦନ ୟୁନିଟ୍ ଗୁଡ଼ିକୁ ପ୍ରଦାନ କରାଯାଉଥିବା ଇଏଏଲ୍ ଗୁଡ଼ିକର ତଦାରଖ ପାଇଁ ଓଏସ୍‌ବିସିଏଲ୍‌ରେ ଗୋଟିଏ ଅବକାରୀ ଅଧିକ୍ଷକ ଓ ଗୋଟିଏ ଅବକାରୀ ନିରୀକ୍ଷକ ପଦ ସୃଷ୍ଟି କରାଯାଇଥିବା (ମାର୍ଚ୍ଚ 2021) ଏବଂ ଏହି ପଦବୀଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2022)।

## 2.7 ଅବକାରୀ ବିଭାଗର ପ୍ରବର୍ତ୍ତନ ସଂପାଦନ ଶାଖାର କାର୍ଯ୍ୟକାରିତା

### *2.7.1 ଅବୈଧ ଉତ୍ପାଦନ ଏବଂ ବିନା ଶୁଳ୍କ ପ୍ରଦାନରେ ମଦ କାରବାରକୁ ଚିହ୍ନଟ କରିବାକୁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ*

ଇଏଏଲ୍‌ର ଟ୍ରାକ୍ ଓ ଟ୍ରେସ୍ କାର୍ଯ୍ୟକାରିତାର ଅନୁପସ୍ଥିତିରେ ଯାହା ***ଅନୁଚ୍ଛେଦ 2.4.1*** ରେ ଆଲୋଚିତ ହୋଇଛି, ପ୍ରବର୍ତ୍ତନ ଶାଖା, ନଥିଗୁଡ଼ିକର ପ୍ରଚଳନ ଓ କ୍ଷେତ୍ରୀୟ କାର୍ଯ୍ୟର ନିମ୍ନଲିଖିତ ବିଷୟ ଗୁଡ଼ିକ ଉପରେ ସମୟୋପଯୋଗୀ ବିବରଣୀ ଉପସ୍ଥାପନ ପାଇଁ ପ୍ରବର୍ତ୍ତାଇବା ସ୍ଥିତିରେ ନଥିଲେ:

- ନିରୀକ୍ଷଣ ହେବାକୁ ଥିବା ଖୁଚୁରା ବିକ୍ରୀ କେନ୍ଦ୍ରର ସମୁଦାୟ ସଂଖ୍ୟା ଏବଂ ପ୍ରକୃତରେ ନିରୀକ୍ଷଣ ହୋଇଥିବା କେନ୍ଦ୍ରର ସଂଖ୍ୟା;
- ପ୍ରତ୍ୟେକ ଖୁଚୁରା  ବିକ୍ରୟ କେନ୍ଦ୍ରରେ ନିରୀକ୍ଷଣ ହେବାକୁ ଥିବା ମଦ ଉତ୍ପାଦର ମୋଟ ସଂଖ୍ୟା;
- ଇଏଏଲ୍ ନଥାଇ ନିରୀକ୍ଷଣ ସମୟରେ ପ୍ରାପ୍ତ ହୋଇଥିବା ମଦ ଉତ୍ପାଦର ସଂଖ୍ୟା;
- ନିରୀକ୍ଷଣରେ ମିଳିଥିବା ଅବୈଧ/ ନକଲି ଇଏଏଲ୍ ଲାଗିଥିବା ମଦ ଉତ୍ପାଦର ସଂଖ୍ୟା;
- ଅସଲି ଇଏଏଲ୍ ଲାଗିଥିବା ମଦ ଉତ୍ପାଦ ମଧ୍ୟରୁ, ଉତ୍ପତ୍ତି ସ୍ଥଳର ଉତ୍ସର ସଂପୂର୍ଣ୍ଣ ଇତିହାସ ନଥାଇ ମିଳିଥିବା ମଦ ଉତ୍ପାଦର ସଂଖ୍ୟା (ଓଏସ୍‌ବିସିଏଲ୍‌ର ଡିପୋ ମାଧ୍ୟମରେ ଯାଇଥିବାର ଲିପିବଦ୍ଧ ନଥିଲା, ତେଣୁ ଅବକାରୀ ଶୁଳ୍କ ଓ ଭାଟ ଏଡ଼ାଇବାର ସମ୍ଭାବନା ଥିଲା);
- ଅସଲି ଇଏଏଲ୍ ଲାଗିଥିବା ମଦ ଉତ୍ପାଦ ମଧ୍ୟରୁ, ଉତ୍ପତ୍ତି ସ୍ଥଳର ଉତ୍ସର ସମ୍ପୂର୍ଣ୍ଣ ତଥ୍ୟ ନଥାଇ ମିଳିଥିବା ମଦ ଉତ୍ପାଦ ସଂଖ୍ୟା (ଓଏସ୍‌ବିସିଏଲ୍‌ର ଡିପୋ ମାଧ୍ୟମରେ ଯାଇଥିବାର ଲିପିବଦ୍ଧ ଥିଲା, ମାତ୍ର ଡିପୋରୁ  ଖୁଚୁରା ବିକ୍ରେତାକୁ ବିକ୍ରିର କୌଣସି ତଥ୍ୟ ନଥିଲା, ଫଳତଃ ସମ୍ଭାବ୍ୟ ଭାଟ୍ ପରିହାର ହେବା)।

ଯଦି ଅନୁଧ୍ୟାନ ଓ ଅନୁସରଣ କାର୍ଯ୍ୟ ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇଥାନ୍ତା, ଆଇନଗତ ଯୋଗାଣ ଶୃଙ୍ଖଳରୁ ମଦ ଉତ୍ପାଦ ଅନ୍ୟ ଦିଗକୁ ଅପରସାରଣ ହେଉଥିବା ସଂପୃକ୍ତ ଉତ୍ପାଦନ ସଂସ୍ଥା ବା ଓଏସ୍‌ବିସିଏଲ୍ ଗୋଦାମ ଉପରେ, ପ୍ରତ୍ୟେକ ଖୁଚୁରା ସ୍ଥଳରେ ଏପରି ଘଟଣା ପାଇଁ ଅବକାରୀ ବିଭାଗ ଉତ୍ତର ଦାୟିତ୍ୱ ଧାର୍ଯ୍ୟ କରିବାରେ ସକ୍ଷମ ହୋଇଥାନ୍ତେ।

ବିଭାଗ ବ୍ୟକ୍ତ କଲେ (ଏପ୍ରିଲ 2022) ଯେ:

- ଅନ୍ୟ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଟ୍ରାକ୍ ଓ ଟ୍ରେସ୍ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ପାଇଁ 2021-22 ରେ ସେହି ରାଜ୍ୟଗୁଡ଼ିକୁ ତିନିଟି ଦଳ ପଠାଯାଇଥିଲା, ଯାହାଫଳରେ ସେହି ବ୍ୟବସ୍ଥା ଓଡ଼ିଶାରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ।
- ଖୁଚୁରା ବିକ୍ରୟ କେନ୍ଦ୍ର ଗୁଡ଼ିକର ନିୟମିତ ନିରୀକ୍ଷଣ ଓ ନକଲ ଇଏଏଲ୍ କିମ୍ବା ଇଏଏଲ୍ ବିନା ବିକ୍ରୀ ମଦ ଉତ୍ପାଦ ଚିହ୍ନଟ ସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଜିଲ୍ଲା ଅବକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।
- ପ୍ରବର୍ତ୍ତନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଅବକାରୀ ଆୟୁକ୍ତ ମଧ୍ୟରେ ଏକ ପ୍ରବର୍ତ୍ତନ ସେଲ୍ ସୃଷ୍ଟି କରାଯାଇଥିଲା।
- ପ୍ରବର୍ତ୍ତନ କାର୍ଯ୍ୟକଳାପକୁ ଦୃଢ଼ କରିବା ପାଇଁ ମୋବାଇଲ୍ ସ୍କ୍ୱାଡ୍ ଗୁଡ଼ିକୁ ସକ୍ରିୟ କରାଯାଇଥିଲା।

## 2.7.2 ଅବକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଖୁଚୁରା ବିକ୍ରେତା ଓ ଉତ୍ପାଦନକାରୀ ସଂସ୍ଥାର ନିରୀକ୍ଷଣ କରିବାରେ ଅଭାବ

ଶୁଳ୍କ ପଇଠ ନକରି ଆଇଏମ୍‌ଏଫ୍‌ଏଲ୍‌ର ଚୋରା ବିକ୍ରିକୁ ରୋକିବାକୁ ଏବଂ ଅବକାରୀ ରାଜସ୍ୱକୁ ବୃଦ୍ଧି କରିବାକୁ, ସରକାର (ଡିସେମ୍ବର 1998 ଏବଂ ମାର୍ଚ୍ଚ 2021) ଏବଂ ଅବକାରୀ ଆୟୁକ୍ତ (ଫେବୃଆରୀ 2018), ଅବକାରୀ ଅଧିକ୍ଷକ (ଏସ୍‌ଇ) ଓ ଅବକାରୀ ଉପ-ଆୟୁକ୍ତ (ଇଡିସି)ଙ୍କୁ ଅବକାରୀ ଦୋକାନ ଓ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକୁ ନିରୀକ୍ଷଣ କରିବାକୁ ନିମ୍ନ ପ୍ରକାରେ ନିର୍ଦ୍ଦେଶ ଦେଇଥିଲେ:

***ସାରଣୀ 2.6: ଅବକାରୀ ଦୋକାନ ଓ ଉତ୍ପାଦନକାରୀ ସଂସ୍ଥାର ନିରୀକ୍ଷଣ ପାଇଁ ମାନଦଣ୍ଡ***

| ଅବକାରୀ ଅଧିକାରୀ | ନିରୀକ୍ଷଣର ମାନଦଣ୍ଡ | | |
|---|---|---|---|
| | ବନ୍ଦ/ ଖୋଲାଥିବା ଆଇଏମ୍‌ଏଫ୍‌ଏଲ୍ ଦୋକାନ | ସିଏସ୍ ଦୋକାନ | ବଟଲିଂ ୟୁନିଟ୍ ଏବଂ ମଦଭାଟି |
| ଇଡିସି | ପ୍ରତି ନିରୀକ୍ଷଣରେ ଯେତେ ସମ୍ଭବ | ପ୍ରତି ନିରୀକ୍ଷଣରେ ଯେତେ ସମ୍ଭବ | ଚାରି ମାସକୁ ଥରେ |
| ଏସ୍‌ଇ | ଦୁଇ ମାସରେ ଥରେ | ଚାରି ମାସକୁ ଥରେ | ମାସକୁ ଥରେ |
| ଡିଏସ୍‌ଇ | ଚାରି ମାସକୁ ଥରେ | ଚାରି ମାସକୁ ଥରେ | -- |
| ଆଇଇ | ମାସକୁ ଥରେ | ମାସକୁ ଥରେ | -- |
| ଏସ୍‌ଆଇଇ | ପନ୍ଦର ଦିନକୁ ଥରେ | ପନ୍ଦର ଦିନକୁ ଥରେ | -- |

***(ଉତ୍ସ: ଅବକାରୀ ଆୟୁକ୍ତଙ୍କ ନିର୍ଦ୍ଦେଶ)***

ଛଅ ଡିଇଓଙ୍କ[34] ଅଧିନରେ କାର୍ଯ୍ୟକାରୀ ହେଉଥିବା ଅବକାରୀ ଷ୍ଟେସନ ଗୁଡ଼ିକର ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ 1,834 ମଦ ଦୋକାନର 2017-21 ବର୍ଷର ନଥିପତ୍ରକୁ ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ:

- ଅବକାରୀ ଅଧିକାରୀ 1,834 ମଦ ଦୋକାନଗୁଡ଼ିକୁ ମାନଦଣ୍ଡ ଆଧାରରେ 83,133 ଥର ନିରୀକ୍ଷଣ କରିବାର ଥିଲା । ମାତ୍ର ଅବକାରୀ ଅଧିକାରୀମାନେ 2017-21 ରେ 7,129 ଥର ନିରୀକ୍ଷଣ କରିଥିଲେ । ଫଳରେ 76,004 ନିରୀକ୍ଷଣ କମ୍ ହୋଇଥିଲା, ନିରୀକ୍ଷଣ କରାଯିବାକୁ ଥିବା ଧାର୍ଯ୍ୟ ଲକ୍ଷ୍ୟ ପ୍ରକୃତ ନିରୀକ୍ଷଣ ମାତ୍ର 8.6 ପ୍ରତିଶତ ଥିଲା ।
- ଖୁଚୁରା ବିକ୍ରେତା ମାନେ ବ୍ରାଣ୍ଡ ଆଧାରରେ ବିକ୍ରି ରେଜିଷ୍ଟର ପରିଚାଳନା କରୁନଥିଲେ । ତେଣୁ, ଏହି ମୌଳିକ ନଥିପତ୍ର ଏବଂ ମଦ ଉତ୍ପାଦନ ପାଇଁ ଟ୍ରାକ୍ ଓ ଚିହ୍ନଟ କାର୍ଯ୍ୟକାରିତାର ଅଭାବ ଫଳରେ ନିରୀକ୍ଷଣ କରାଯିବାର ଉପଯୋଗିତା ସନ୍ଦେହ ଘେରରେ ଥିଲା ।
- ଖୁଚୁରା ବିକ୍ରି କେନ୍ଦ୍ରକୁ ନିରୀକ୍ଷଣ କରୁଥିବା ଅବକାରୀ ଅଧିକାରୀମାନେ ସେମାନଙ୍କର ନିରୀକ୍ଷଣ ରିପୋର୍ଟ ପ୍ରଦାନ କରୁନଥିଲେ ଏବଂ ଭ୍ରମଣ ଡାଏରୀ ମଧ୍ୟ ପରିଚାଳନା କରୁନଥିଲେ ।

ଡିଇଓଙ୍କ ଦ୍ୱାରା ମାସିକ ନିରୀକ୍ଷଣ ଏବଂ ଉପ ଅବକାରୀ କମିଶନରଙ୍କ ଦ୍ୱାରା ତିନି ମାସକୁ ଥରେ ନିରୀକ୍ଷଣ କରାଯିବାର ନିୟମ ଥିଲେ ମଧ୍ୟ ଛଅ ଡିଇଓଙ୍କ ଅଧିନରେ କାର୍ଯ୍ୟ କରୁଥିବା 11 ଟି ପରୀକ୍ଷା ଯାଞ୍ଚ ମଦ ଉତ୍ପାଦନକାରୀ ସଂସ୍ଥା[35] ର ଯାଞ୍ଚ କରି ଅଡିଟ୍ ଲକ୍ଷ୍ୟ କରିଥିଲା ଯେ 2017-21 ମଧ୍ୟରେ ସଂପୃକ୍ତ ଡିଇଓ ମାନେ କୌଣସି ନିରୀକ୍ଷଣ କରିନଥିଲେ ।

ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2022) ଯେ, ପର୍ଯ୍ୟବେକ୍ଷଣ ପାଇଁ ନୂତନ ମାର୍ଗଦର୍ଶିକା ଜାରି ହୋଇଥିଲା (ଜୁଲାଇ 2021) ଏବଂ ପ୍ରତ୍ୟେକ ଜିଲ୍ଲା ଅବକାରୀ ଅଧିକାରୀ ଏହି ମାର୍ଗଦର୍ଶିକାର ଅନୁପାଳନକୁ ନିଶ୍ଚିତ କରୁଛନ୍ତି । ବିଭାଗ ମଧ୍ୟ ବ୍ୟକ୍ତ କଲେ ଯେ ପର୍ଯ୍ୟବେକ୍ଷଣ ଓ ଆଭ୍ୟନ୍ତରୀୟ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଧାରିବା ପାଇଁ ସମସ୍ତ ସମ୍ଭବ ପଦକ୍ଷେପ ଗ୍ରହଣ କରାଯାଉଛି ।

[34] ବ୍ରହ୍ମପୁର, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ (ଛତ୍ରପୁର) ଏବଂ ଖୋର୍ଦ୍ଧା

[35] ଆସ୍କା କୋ-ଅପରେଟିଭ୍ ସୁଗାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଡେନ୍‌ଜଙ୍ଗ୍ ବ୍ରିୱେରିଜ୍, ଫର୍ଚ୍ୟୁନ୍ ସ୍ପିରିଟସ୍ ଲିମିଟେଡ୍, କ୍ୱାଲିଟୀ ବଟଲର୍ସ (ପ୍ରା) ଲିମିଟେଡ୍, ମାଇକାଲ ବ୍ରିୱେରିଜ୍ ଲିମିଟେଡ୍, ଓରିଏଣ୍ଟାଲ୍ ବଟଲିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍, ଶକ୍ତି ମାଲ୍ଟୱିୟାର ଏବଂ ଲେମୋନେଡ୍ ପ୍ରାଇଭେଟ୍ ଲିମିଟେଡ୍, ସମ୍ ଡିଷ୍ଟିଲେରିଜ୍ ଆଣ୍ଡ ବ୍ରିୱେରିଜ୍ ପ୍ରାଇଭେଟ୍ ଲିମିଟେଡ୍, ତ୍ରିନାଥ ସ୍ମାର୍ଟ ପ୍ୟାକ୍ ପ୍ରାଇଭେଟ୍ ଲିମିଟେଡ୍, ୟୁନାଇଟେଡ୍ ବ୍ରିୱେରିଜ୍ ଓ ୟୁନାଇଟେଡ୍ ସ୍ପିରିଟସ୍ ଲିମିଟେଡ୍

ସତ୍ୟତା ଏହା ଯେ, ପର୍ଯ୍ୟବେକ୍ଷଣ ଓ ମାର୍ଗଦର୍ଶିକାର ଅନୁପାଳନ ଆଧାରରେ ଫଳପ୍ରଦ ପର୍ଯ୍ୟବେକ୍ଷଣ କ୍ଷମତାର ସ୍ୱଚ୍ଛତା କେବଳ ନୂତନ ଭାବେ ନିୟୋଜିତ କର୍ମଚାରୀଙ୍କ ତାଲିମ ସମାପ୍ତ ଓ କାର୍ଯ୍ୟ କ୍ଷେତ୍ରରେ ଯୋଗଦାନ ପରେ ସମାଧାନ ହେବ ।

## 2.8 ଉପସଂହାର

ରାଜ୍ୟରେ ମଦ ଉତ୍ପାଦର ଯୋଗାଣ ଶୃଙ୍ଖଳ ପରିଚାଳନା ସମ୍ପର୍କରେ ଓଡ଼ିଶା ଅବକାରୀ ନିୟମ, 2017 ର ବ୍ୟବସ୍ଥାର ଅନୁପାଳନରେ ବହୁବିଧ ଅଭାବ ସମୀକ୍ଷା ପରିଲକ୍ଷିତ କରିଥିଲା । ଓଡ଼ିଶା ଅବକାରୀ ନିୟମ ଅଧୀନରେ ଆଇଏମ୍ଏଫ୍ଏଲ୍ର ଉତ୍ପାଦନ ଓ ଯୋଗାଣକୁ ଅନୁଧାନ କରିବାକୁ ଭାରତ ତିଆରି ବିଦେଶୀ ପାନୀୟ (ଆଇଏମ୍ଏଫ୍ଏଲ୍) ଯଥା ଏକ୍ସଟ୍ରା ନିଉଟ୍ରାଲ୍ ଆଲକୋହଲ (ଇଏନ୍ଏ) ପାଇଁ ବ୍ୟବହାର ହେବାକୁ ଥିବା କଞ୍ଚାମାଲ ସଂଗ୍ରହ ଏବଂ ଏହାର ବ୍ୟବହାର ସମ୍ବନ୍ଧରେ ଇଏନ୍ଏର ହିସାବପତ୍ର ସଠିକ୍ ଭାବେ ରଖାଯାଇ ନଥିଲା । ପ୍ରେରଣ କ୍ଷତି, ନିୟମ ଠାରୁ ଅଧିକ ପ୍ରଦାନ କରାଯାଉଥିଲା ଏବଂ ଉତ୍ପାଦନକାରୀଙ୍କ ନିକଟରେ ଇଏନ୍ଏ ଗଚ୍ଛିତ ଇଏଏନ୍ର ସରଜମିନ ତଦନ୍ତ କରାଯାଉ ନଥିବା ସ୍ଥଳେ ଉତ୍ପାଦନକାରୀଙ୍କ ଦ୍ୱାରା ଉତ୍ପାଦନ ହେଉଥିବା ଆଇଏମ୍ଏଫ୍ଏଲ୍ର ପ୍ରକୃତ ପରିମାଣ ଏବଂ ଏହାର ବ୍ୟବହାର ବିଷୟରେ କୌଣସି ଆଶ୍ୱାସନା ପ୍ରଦାନ କରାଯାଇ ନଥିଲା । ଉତ୍ପାଦନକାରୀ ସଂସ୍ଥା ସହିତ ସଂଶ୍ଳିଷ୍ଟ ଅବକାରୀ ଅଧିକାରୀ ଦୈନିକ ଉତ୍ପାଦକୁ ଅନୁଧାନ ନକରି ଉତ୍ପାଦନକାରୀ ଶାଖା ଦ୍ୱାରା ପ୍ରଦତ୍ତ ଉତ୍ପାଦନ ରିପୋର୍ଟକୁ ଗ୍ରହଣ କରୁଥିଲେ । ଅର୍ଥାତ୍, ଉତ୍ପାଦନକାରୀ ଶାଖା ଦ୍ୱାରା ଉତ୍ପାଦନକୁ କମ୍ କରି ରିପୋର୍ଟ ପ୍ରଦାନ କରିବା ଏବଂ ଅବୈଧ ବିକ୍ରି ପାଇଁ ପରିହାରକୁ ଅସ୍ୱୀକାର କରାଯାଇ ନପାରେ କାରଣ ଅବକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିନା ଅନୁମତିରେ ମଦ ଉତ୍ପାଦର ପ୍ରେରଣ ଏବଂ ମଦ ଷ୍ଟକ୍ ଥିବାର ପ୍ରାପ୍ତି ନହେବା, ଉତ୍ପାଦନକାରୀ ଶାଖା ଦ୍ୱାରା କଥିତ ରୂପେ ପ୍ରେରଣ କରାଯିବା ବିଷୟ ଓଏସ୍ବିସିଏଲ୍ରେ ଦୃଷ୍ଟିଗୋଚର ହୋଇଥିଲା । ମଦ ଉତ୍ପାଦଗୁଡ଼ିକର ରପ୍ତାନୀ ବିକ୍ରି କ୍ଷେତ୍ରରେ ରପ୍ତାନୀ ପାଇଁ ପ୍ରଦାନ କରାଯାଉଥିବା ପର୍ମିଟରେ ଅନିୟମିତତା ଲକ୍ଷ୍ୟ କରାଯାଇଥିଲା ।

ଅବୈଧ ଭାବରେ ଯୋଗାଣ ଶୃଙ୍ଖଳ ମଧ୍ୟକୁ ପ୍ରବେଶ କରୁଥିବା ମଦ ଉତ୍ପାଦ ଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ, ଏକ ଯାଞ୍ଚ ବ୍ୟବସ୍ଥା ଭାବରେ ଗ୍ରହଣ କରାଯାଇଥିବା ଅବକାରୀ ଲେବଲ (ଇଏଏଲ୍) ରେ ଆବଶ୍ୟକୀୟ ସୁରକ୍ଷା ବୈଶିଷ୍ଟ୍ୟର ଅଭାବ ରହିଥିଲା, ଯେଉଁଥିପାଇଁ, ଅବକାରୀ ଅଧିକାରୀଙ୍କ ସପକ୍ଷରେ ମଦ ବୋତଲରେ ସଂଲଗ୍ନ ଇଏଏଲ୍ ମାଧ୍ୟମରେ ସେଗୁଡ଼ିକୁ ଚିହ୍ନଟ କରିବା ସମ୍ଭବ ନଥିଲା । ପୁନଶ୍ଚ ମଦ ଯୋଗାଣ ଓ ପ୍ରେରଣ ତଥା ଇଏଏଲ୍ର ନିରୀକ୍ଷଣ ପାଇଁ ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ (ଓଏସ୍ବିସିଏଲ୍) ଏକ ଉପଯୁକ୍ତ କମ୍ପ୍ୟୁଟରଭିତ୍ତିକ ପଦ୍ଧତିକୁ ବିକଶିତ କରିନଥିଲେ । ଇଏଏଲ୍ର ବ୍ୟବହାରରେ କୌଣସି ନିୟନ୍ତ୍ରଣ ନଥିଲା କାରଣ 27.74 ଲକ୍ଷ ଇଏଏଲ୍ ସପକ୍ଷରେ କୌଣସି ହିସାବ ରଖାଯାଇ ନଥିଲା ଏବଂ ଓଏସ୍ବିସିଏଲ୍ ସହିତ କାରବାର ବନ୍ଦ କରିଥିବା ବାହାର ରାଜ୍ୟର ଯୋଗାଣକାରୀଙ୍କୁ ଦିଆଯାଇଥିବା 2.70 ଲକ୍ଷ ଇଏଏଲ୍ ସହିତ ଯୋଗାଣକାରୀଙ୍କୁ ପ୍ରଦାନ କରାଯାଇଥିବା 41.29 ଲକ୍ଷ ଇଏଏଲ୍ ସ୍ଥିତିର କୌଣସି ସୂଚନା ନଥିଲା ।

ରାଜ୍ୟରେ ମଦ ଉତ୍ପାଦର ଯୋଗାଣ ଶୃଙ୍ଖଳାରେ ଅନିୟମିତତା ପାଇଁ ଅବକାରୀ ଅଧିକାରୀଙ୍କ ଅଭାବ ଏକ ପ୍ରମୁଖ କାରଣ ଥିଲା । କଞ୍ଚାମାଲର ଆହରଣ ଓ ବ୍ୟବହାରର ଅନୁଧାନ ସହିତ ଆଇଏମ୍ଏଫ୍ଏଲ୍/ ବିଅରର ଉତ୍ପାଦନ ଓ ପ୍ରେରଣର ତଦାରଖ ତଥା ଏକାଧିକ ଉତ୍ପାଦନକାରୀ ଇଏଏଲ୍ର ହିସାବ ରଖିବାର ଦାୟିତ୍ୱ ମାତ୍ର ଜଣେ ଅବକାରୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

## 2.9 ସୁପାରିଶ

ନିମ୍ନଲିଖିତ ପଦକ୍ଷେପ ଗୁଡ଼ିକୁ ଗ୍ରହଣ କରିବାକୁ ବିଭାଗ ବିଚାର କରିପାରେ:

- ଇଏନ୍ଏର ଯୋଗାଣ କ୍ଷତି ପାଇ ଧାର୍ଯ୍ୟ ମାନଦଣ୍ଡର ସମୀକ୍ଷା କରିବା ଏବଂ ଇଏନ୍ଏର ଆହରଣ ଓ ବ୍ୟବହାରର ସଠିକ୍ ଅନୁଧାନ କରିବା ।
- ଉତ୍ପାଦନକାରୀ ଶାଖା ଦ୍ୱାରା ପ୍ରଦତ୍ତ ଉତ୍ପାଦନ ସଂଖ୍ୟା ରିପୋର୍ଟକୁ ଗ୍ରହଣ କରିବାର ଅଭ୍ୟାସକୁ ବନ୍ଦ କରିବା ଏବଂ ଉତ୍ପାଦନକାରୀ ଶାଖା ଦ୍ୱାରା ଉତ୍ପାଦନ ସଂଖ୍ୟା ଉପସ୍ଥାପନକୁ ଏକ ପଦ୍ଧତି ମାଧ୍ୟମରେ କରାଯିବା ସୁନିଶ୍ଚିତ କରିବା ।

- ମଦ ଉତ୍ପାଦର ଯୋଗାଣ ଶୃଙ୍ଖଳର ଶେଷ ଭାଗର ସମୟଭିତ୍ତିକ ପର୍ଯ୍ୟାଲୋଚନାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଖୁଚୁରା ବିକ୍ରୟ କେନ୍ଦ୍ରରେ ପଏଣ୍ଟ ଅଫ୍ ସେଲ୍ ମେସିନ୍ ଓ ଖୁଚୁରା ବିକ୍ରୟ ସ୍ତରରେ ଷ୍ଟକ ଓ ବିକ୍ରୟ ସ୍ଥିତିକୁ ପର୍ଯ୍ୟାଲୋଚନା ପାଇଁ ଏକ ସଫ୍ଟୱେୟାର ଆପ୍ଲିକେସନର କାର୍ଯ୍ୟକାରିତାକୁ ବାଧ୍ୟତାମୂଳକ କରିବା ।
- ଉପଯୁକ୍ତ କମ୍ପ୍ୟୁଟର ଆପ୍ଲିକେସନ୍ ବିକାଶ ଏବଂ ବ୍ୟବହାର କରାଯିବା ଆବଶ୍ୟକ ଯାହା ଫଳରେ ଉତ୍ପାଦନର ସବିଶେଷ ବିବରଣୀ, ଯୋଗାଣର ବିବରଣୀ, ଶୁଳ୍କ ପ୍ରଦାନର ସ୍ଥିତି ଆଦି ବିଷୟ ଇଏଲ୍ ସ୍କାନିଂ ମାଧ୍ୟମରେ ଜଣାପଡ଼ିବ ।
- ଇଏନ୍ଏ, ମଦ ଉତ୍ପାଦ ଏବଂ ଇଏଲର ସମୟୋଚିତ ସରଜମିନ ଯାଞ୍ଚ କରାଯିବା ଏବଂ ସେଗୁଡ଼ିକର ହିସାବ ରଖିବା ।
- ଅବକାରୀ ନିୟମରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ ମଦ ଉତ୍ପାଦଗୁଡ଼ିକର ଉତ୍ପାଦନ ଓ ଯୋଗାଣକୁ ଓଏସ୍‌ସିବିଏଲ୍ ପର୍ଯ୍ୟାଲୋଚନା କରିବ ।
- ପର୍ଯ୍ୟାଲୋଚନା ଓ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ନବୀକରଣ ।